
ଓଡ଼ିଶାର୍ ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମଇ ୨୦୧୬ ସଂସ୍କରଣ

୫



ଅମୃତମୟୀ

ଓ

ଅଭି - ଲିପ୍ସା

ତୁମବିନା ମୁଁ

ଜଗାର ନିଶ

ଆମ ଭାଷା ଆମ ଅଧିକାର

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଆହ୍ୱାନ ଇ-ପତ୍ରିକା ପ୍ରକାଶନ ହେବାର ଅନେକ ବର୍ଷ ହେଲାଣି, କିନ୍ତୁ ଯେବେଠାରୁ ଏହା ଫେସବୁକରେ ପ୍ରକାଶିତ ହୋଇଛି, ଏହାର ଲେଖକ ଲେଖିକା ଓ ପାଠକ ମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି । ଆଗରୁ ଏମିତି ବ୍ୟବସ୍ଥା ନଥିଲା । ଆହ୍ୱାନରେ ପ୍ରକାଶିତ ଲେଖାଟିଏ ପଢ଼ିଲେ କେହି କେହି ଇମେଲ୍ ଦ୍ୱାରା ପ୍ରଶଂସା ପତ୍ରଟିଏ ଦେଉଥିଲେ ଆଉ ସେମାନଙ୍କୁ ଉତ୍ତର ଦେଉ ଦେଉ ଆହ୍ୱାନର ନୂଆ ସଂସ୍କରଣ ଆସିଯାଉଥିଲା । ପାଠକ ମାନଙ୍କୁ ଏହାର ସଂସ୍କରଣ ବିଷୟରେ ଅବଗତ କରାଇବା ପାଇଁ ଅସମ୍ଭବ କଷ୍ଟ କରିବାକୁ ପଡୁଥିଲା । ଗୁଗୁଲ୍ ଇମେଲରେ ପାଞ୍ଚଶହରୁ ଅଧିକ ଇମେଲ୍ ପ୍ରେରଣ କରିବା ସ୍ୱାଧୀନତା ନଥିଲା । ତେଣୁ ଅନେକ ପାଠକୀୟ ଗ୍ରୁପ୍ କରି ମେସେଜ୍ ଦେବାକୁ ପଡୁଥିଲା । ତଥାପି ଅସୁବିଧା ହେଉଥିଲା । ଫେସବୁକରେ କିନ୍ତୁ ତୁରନ୍ତ ସମ୍ବାଦ ଦେଇ ହେଉଛି ଏବଂ ଅନେକ ଓଡ଼ିଆ ଗ୍ରୁପ ମାଧ୍ୟମରେ ଲକ୍ଷାଧିକ ଓଡ଼ିଆଙ୍କୁ ଜଣାଇ ଦିଆଯାଇ ପାରୁଛି ଯେ ଆହ୍ୱାନର ନୂତନ ସଂସ୍କରଣ ଆସିଯାଇଛି । ଅନେକ ଲେଖକ ନିଜ ଲେଖାର ପ୍ରତିଲିପି ଫେସବୁକ୍ ମାଧ୍ୟମରେ ପ୍ରକାଶିତ କରି ପାଠକୀୟ ମତାମତ ତୁରନ୍ତ ପାଇ ପାରୁଛନ୍ତି ।

ଏହି ଫେସବୁକ ଆସିବାପରେ ଓଡ଼ିଆ ଭାଷା ସାହିତ୍ୟ ଜଗତ

ମଧ୍ୟ ସମୃଦ୍ଧ ହୋଇଛି । ଓଡ଼ିଆ ଭାଷା ବିଷୟରେ ଅନେକ ଚର୍ଚ୍ଚା ଓ ପରିଚର୍ଚ୍ଚା ଅନେକ ଗ୍ରୁପରେ ହେଉଛି । ଏହାଦ୍ୱାରା ନିଶ୍ଚୟ ଭାବରେ ଲୋକମାନଙ୍କ ଓଡ଼ିଆଭାଷା ଓ ସାହିତ୍ୟ ପ୍ରତି ଅନୁରାଗ ବଢ଼ିଛି । ଅନଲାଇନ ଅଧିକ ସମୟ ବିତାଉଥିବା ଓଡ଼ିଆମାନେ ଏବେ ଓଡ଼ିଆ ଭାଷା ଓ ସାହିତ୍ୟ ବିଷୟରେ ମଧ୍ୟ ମତାମତ ଦେବାକୁ ଆରମ୍ଭ କଲେଣି । ସାମାଜିକ ବନ୍ଧୁତ୍ୱ ପାଇଁ ନିର୍ମିତ ଫେସବୁକ କିନ୍ତୁ ଆମ ପାଇଁ ଏକ ବରଦାନ ସଦୃଶ ହୋଇଛି । ଓଡ଼ିଆ ଭାଷା ପାଇଁ ନିର୍ମିତ କିଛି ଫେସବୁକ ଗ୍ରୁପରେ ସଦସ୍ୟମାନଙ୍କ ସଂଖ୍ୟା ଲକ୍ଷାଧିକ, ସେମାନେ ସ୍ୱେଚ୍ଛାରେ ହୁଅନ୍ତୁ ବା କାହାଦ୍ୱାରା ଆମନ୍ତ୍ରିତ ହୋଇଥାଆନ୍ତୁ, କିନ୍ତୁ ଏତେ ସଂଖ୍ୟାରେ ଓଡ଼ିଆ ଲୋକ ଏକତ୍ରିତ ହେଉଥିବାରୁ ଏହା ଆମ ଭାଷା ଓ ସାହିତ୍ୟ ପାଇଁ ଏକ ଭଲ ଲକ୍ଷଣ ବୋଲି ଆମେ ମନେକରୁ ।

ବିଗତ ଦିନରେ ଓଡ଼ିଆ ଭାଷାସାହିତ୍ୟର ଏମିତି ଏକ ଗ୍ରୁପରେ ଜଣୈକ ବନ୍ଧୁ ଓଡ଼ିଆ ଭାଷାକୁ ନେଇ ଅନେକ ସୁନ୍ଦର ଓ ଉପାଦେୟ ପ୍ରଶ୍ନମାନ ଉତ୍‌ଥାପନ କରିଛନ୍ତି, ଏବଂ ଅନେକ ଲୋକମାନେ ଏହାକୁ ନେଇ ଚର୍ଚ୍ଚା କରିଛନ୍ତି । ସେହିପରି ଏକ ଚର୍ଚ୍ଚା ହୋଇଥିଲା ଆମ ଭାଷାରେ ପ୍ରାନ୍ତୀୟ ଶବ୍ଦମାନଙ୍କୁ ଅନ୍ତର୍ଭୁକ୍ତ କରିବା ବିଷୟରେ । ଓଡ଼ିଶା ଯଦିଓ ଗୋଟିଏ ଭାଷାଭିତ୍ତିକ ରାଜ୍ୟ ତଥାପି ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଓଡ଼ିଆ ଭାଷାକୁ ଭିନ୍ନ ଭିନ୍ନ ଭାବରେ ଉଚ୍ଚାରଣ କରାଯିବା ସହିତ ଅନେକ ସ୍ଥାନୀୟ ଶବ୍ଦକୁ ବ୍ୟବହାର କରାଯାଇଥାଏ । ଏହି ସବୁ ପ୍ରାନ୍ତୀୟ ଶବ୍ଦକୁ ଆମେ ଆମ ଓଡ଼ିଆ ଅଭିଧାନରେ ଅନ୍ତର୍ଭୁକ୍ତ କରିବା ଉଚିତ କି ନାହିଁ, ତାହା ନିଶ୍ଚୟ ଭାବରେ ଚର୍ଚ୍ଚାର ବିଷୟ ।

ଅନ୍ୟଜଣେ ବନ୍ଧୁ ଫେସବୁକରେ କହିଲେ, ଓଡ଼ିଆ ସାହିତ୍ୟ ସମାଜମାନଙ୍କର ସଭା ମାନେ କଣ କେବଳ କବିତା ପାଠ ? ଯେଉଁଠି ବି ସାହିତ୍ୟ ସଭା ହେଉଛି, ସେଇଠି ପ୍ରାୟତଃ କବିତା ପାଠ ବା କବିତା ଆବୃତ୍ତିର ବ୍ୟବସ୍ଥା ଥାଏ । ଏହାକୁ ନେଇ ଅତୀତରେ ଆହ୍ୱାନରେ ମଧ୍ୟ ପରିଚର୍ଚ୍ଚାମାନ ପ୍ରକାଶିତ ହୋଇଛି । ବାସ୍ତବିକ ଏହା ଏକ ଚର୍ଚ୍ଚାର ବିଷୟ । ଓଡ଼ିଶାର ପ୍ରତ୍ୟେକ

ସହରରେ ଅନେକ ସାହିତ୍ୟାନୁଷ୍ଠାନ ରହିଛି ଏବଂ ଏହି ସବୁ ଅନୁଷ୍ଠାନମାନେ ମାସିକ, ସାପ୍ତାହିକ କିମ୍ବା ଦ୍ୱିସାପ୍ତାହିକ ସଭାମାନ ଆୟୋଜନ କରନ୍ତି । ଏବଂ ଏମିତି ଅନେକ ସଭାରେ ଆମେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ଲକ୍ଷ୍ୟ କରିଛୁ, ସଭାର ଏକ ବଡ଼ ଅଂଶ କେବଳ କବିତାପାଠ ପାଇଁ ହିଁ ରହିଥାଏ । ତା ହେଲେ କଣ କବିତା ପାଠ ଆୟୋଜନ କରିବା ଦ୍ୱାରା ଆମ ଭାଷାର ଉନ୍ନତି ହୋଇପାରିବ ? ପାଠକମାନେ ଏହି ବିଷୟରେ ନିଜସ୍ୱ ମତ ଦେବେ ବୋଲି ଆମେ ଆଶା କରୁଛୁ ।

ଉତ୍ତପ୍ତ ଗ୍ରୀଷ୍ମର ଦିନ ସବୁ ଅସହ୍ୟ ହେଲାଣି । ଓଡ଼ିଶାରେ ଦିନବେଳର ତାପମାତ୍ରା ଆକାଶଛୁଆଁ ହେଲାଣି । ବିଗତ ଅନେକ ଦଶନ୍ଧିର ତାପମାତ୍ରାକୁ ଟପି ଯାଇଛି ଚଳିତ ବର୍ଷର ଓଡ଼ିଶାର ପ୍ରମୁଖ ସହରମାନଙ୍କର ତାପମାତ୍ରା । ରାଜଧାନୀ ଭୁବନେଶ୍ୱର ତତଲା କରେଇରେ ପରିଣତ ହୋଇଛି । ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି । ବର୍ତ୍ତମାନ ସମୟ ଆସିଛି ଆମେ ପରିବେଶ ଓ ବାତାବରଣ ପାଇଁ ଚିନ୍ତା କରିବାକୁ ପଡ଼ିବ ହିଁ ପଡ଼ିବ । ନଚେତ ଦିନ ଆସିବ, ଯେତେବେଳେ ବର୍ଷର ଅଧିକାଂଶ ସମୟ କେବଳ ଗ୍ରୀଷ୍ମଋତୁ ଭଳି ଅନୁଭବ ହିଁ ହେବ । ଦ୍ରୁତ ସହରୀକରଣ ଦ୍ୱାରା ସହରାଞ୍ଚଳରେ ଥିବା ବଡ଼ବଡ଼ ବୃକ୍ଷକୁ କାଟି ଦିଆଯାଇ ଯେଉଁ ପରିସ୍ଥିତି ସୃଷ୍ଟି କରାଯାଇଛି ତାହାର କୁଫଳ ଏବେ ଭୋଗିବାକୁ ପଡୁଛି । ବନୀକରଣର ମହତ୍ତ୍ୱ ବୁଝିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ଅନ୍ୟୁନ ଗୋଟିଏ ବୃକ୍ଷରୋପଣ କଲେ ଆମେ କିଛି ସୁରକ୍ଷା ପାଇପାରିବା ।

ରାଜନୈତିକ ପରିସ୍ଥିତି ମଧ୍ୟ ସମରୂପ ଦଶା ଭୋଗ କରୁଛି । ରାଜ୍ୟ ସ୍ତରୀୟ ଏବଂ କେନ୍ଦ୍ର ସରକାର ଉଭୟ ସମୀକ୍ଷା ଓ ସମାଲୋଚନାର ଶୀକାର ହେଉଛନ୍ତି । ରାଷ୍ଟ୍ରୀୟ ସ୍ତରରେ ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ଉଠୁଥିବା ପ୍ରଶ୍ନ ଏବଂ ଦେଶର ସୁରକ୍ଷାପାଇଁ କିଣାଯାଇଥିବା ହେଲିକପ୍ଟର ପାଇଁ ହୋଇଥିବା ଲାଞ୍ଚକାରବାର ସଂସଦକୁ ଦୋହଲାଇ

ଦେଇଛି । ରାଜନୈତିକ ବ୍ୟାପାର ବିଶାଳ ବିଷୟ ଯାହା ବିଷୟରେ ଚର୍ଚ୍ଚା କରିବାପାଇଁ ଅନେକ ପତ୍ରପତ୍ରିକା ରହିଛି ।

ଓଡ଼ିଆ ଭାଷାର ସମ୍ମାନ ରକ୍ଷାପାଇଁ ସମଗ୍ର ଓଡ଼ିଶାରେ ଓଡ଼ିଆପ୍ରେମୀ କବି, ଲେଖକ ଓ ସାହିତ୍ୟିକ ସମେତ ଜନସାଧାରଣ ଆନ୍ଦୋଳନ ଚଳାଇଛନ୍ତି, ଆମେ ମଧ୍ୟ ସେହି ଆନ୍ଦୋଳନକୁ ସମର୍ଥନ ଜଣାଇ ଏକ ଅନଲାଇନ୍ ଆନ୍ଦୋଳନ ଆରମ୍ଭ କରିଛୁ, ଏବଂ ଆମେ ଅନୁରୋଧ କରୁଛୁ ଆମ ପାଠକମାନେ ମଧ୍ୟ ଆମକୁ ସମର୍ଥନ କରିବେ, ଏଥିପାଇଁ ଆମେ ଆହ୍ୱାନ ୱେବସାଇଟରେ ଗୋଟିଏ "ମୁଁ ଓଡ଼ିଆ" ବିଭାଗ ସୃଷ୍ଟି କରିଛୁ । ଦୟାକରି ସେହି ବିଭାଗକୁ ଦର୍ଶନ କରି ନିଜ ସମର୍ଥନ ରେଜିଷ୍ଟ୍ରେର୍ କରନ୍ତୁ ।

ବର୍ତ୍ତମାନ ଖରାଦିନିଆ ଛୁଟି ଚାଲିଛି । ଘରେ ଘରେ ପିଲାମାନେ କୋଳାହଳ କରୁଥିବେ, କିଛି ଲୋକ ଛୁଟି କାଟିବା ପାଇଁ ଦେଶବିଦେଶ ଭ୍ରମଣରେ ଯାଇଥିବେ ଆଉ ଅନେକେ ଛୁଟିଦିନରେ ନିଜ ଘରକୁ କିମ୍ବା ଅଜାଆଇ ଘରକୁ ବି ଯାଇଥାଇ ପାରନ୍ତି । ଖରାଦିନ ଛୁଟିର ମଜା ବଦଳି ଯାଇଛି । ଆମେ ସାନପିଲା ହୋଇଥିବା ବେଳେ ଛୁଟିର ଅଲଗା ମଜାଥିଲା, ଆଜିକାଲି ପିଲାମାନେ ଟିଭି କମ୍ପ୍ୟୁଟର ସାମନାରୁ ଉଠୁନାହାନ୍ତି । ଅଧିକାଂଶ ସମୟ ଏ ସବୁର ମଜା ନେଉଥିବା ପିଲାମାନେ ଚଳଚଞ୍ଚଳତା ଅଭାବରୁ ଅଳସୁଆ ହୋଇଯିବାର ସମ୍ଭାବନା ରହୁଛି । ତେଣୁ କିଛି ସମୟ ଖେଳକୁଦରେ ବିତାଇବାକୁ ନିଶ୍ଚୟ ବ୍ୟବସ୍ଥା କରନ୍ତୁ । ଆଉ ଏହିପରି ଅଳସୁଆ ସମୟରେ ଉପାସ୍ଥାପିତ ହେଉଛି ଚଳିତ ମାସର ଆହ୍ୱାନ । ଆଶା କରୁଛି ଏହା ଆପଣ ମାନଙ୍କୁ ନିଶ୍ଚୟ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା ଓ ଆହ୍ୱାନ ଓଡ଼ିଆ ପରିବାର

# ଏହି ସଂସ୍କରଣରେ ଅଛି...


| | | | |
|---|---|---|---|
| ସମ୍ପାଦକୀୟ | ୪ | ପ୍ରଭୁଙ୍କ ପାଇଁ ପଦଟିଏ | ୩୫ |
| ଶାନ୍ତ | ୯ | *ଦୀପକ୍ କୁମାର ଷଡ଼ଙ୍ଗୀ* | |
| *ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦ୍ରା* | | ଜଗାର ନିଶ | ୩୬ |
| ଅଭି - ଲପ୍‌ସା | ୧୨ | *ଡା ସୌମ୍ୟରଞ୍ଜନ ମିଶ୍ର* | |
| *ପ୍ରତିଭା ପ୍ରିୟଦର୍ଶିନୀ* | | ଅନୁରାଧା | ୩୮ |
| ଅମୃତମୟୀ | ୧୯ | *ସୁଦାମ ଚରଣ ଦାସ* | |
| *ରମାକାନ୍ତ ଦାଶ* | | ବିକା ନ ହେଉ | ୩୯ |
| ତୁମବିନା ମୁଁ | ୨୫ | *ଭଗିରଥୀ ବେହେରା* | |
| *ସୁଶ୍ରୀ ଜୟଶ୍ରୀ ଜେନା* | | ଦୁଃସ୍ୱପ୍ନ - ୨ | ୪୦ |
| ଲଣ୍ଠନ | ୨୭ | *ଅନୁପମ ବେହେରା* | |
| *ମାଧବ ଚନ୍ଦ୍ର ଜେନା* | | ବୃକ୍ଷାଶ୍ରୁ | ୪୧ |
| ସାବିତ୍ରୀ | ୨୮ | *ରଞ୍ଜନ କୁମାର ସ୍ୱାଇଁ* | |
| *ହିମାଂଶୁ ଶେଖର ବାରିକ୍* | | ଆମ ଭାଷା ଆମ ଅଧିକାର | ୪୩ |
| ଇଚ୍ଛା | ୨୯ | *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| *ଜ୍ୟୋତିର୍ମୟୀ ଷଡ଼ଙ୍ଗୀ* | | ହେପି ମଦର୍ ଡେ | ୪୭ |
| ମୁଁ ଜଣେ ଶ୍ରମିକ | ୩୧ | *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| *ଅନାମ ଚରଣ ସାହୁ* | | ବିଶେଷ ସୂଚନା | ୫୦ |
| ଅବତର ଆସ ଥରେ | ୩୩ | | |
| *ଅନାମ ଚରଣ ସାହୁ* | | | |

# ଶାନ୍ତି



ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦ୍ରା

(ବିଶ୍ୱ ସୁଶାନ୍ତିର୍ଭବତୁ / ବିଶ୍ୱେ ଶାନ୍ତିର୍ପ୍ରତିଷ୍ଠା ଭବତୁ)

ମୋ ନାମଟି ଦୁଇ ଅକ୍ଷର ମୁଁ ତ ଜଗତେ ସାର ।
ଅମୂଲ୍ୟ ମଣି ଯେ ସଭିଙ୍କ ଗଳା ରତନ ହାର ।୧ ।
ସାହିତ୍ୟ -ପୁରାଣ -ଶାସ୍ତ୍ରରେ ମୁଁ ଅତ୍ୟନ୍ତ ଗୁରୁତ୍ୱ ।
ଦ୍ୟୁଲୋକ -ଭୂଲୋକ ସର୍ବତ୍ର ଖ୍ୟାତ ମୋର ମହତ୍ତ୍ୱ ।୨ ।
"ଶାନ୍ତି" ନାମେ ବିଶ୍ୱେ ବିଦିତ ହୋଇ ଚିର ବିଖ୍ୟାତ ।
ମୋ ନାମ ଶ୍ରବଣ ମାତ୍ରକେ ନର ହୁଅଇ ତୁଷ୍ଟ ।୩ ।
ମୋ ବିନା ସ୍ୱର୍ଗରେ ଦେବତା ଭୋଗିଥିଲେ ଅଶାନ୍ତି ।
ଦାନବଙ୍କ ଅତ୍ୟାଚାରରେ ସର୍ବେ ହୋଇଲେ ଭୀତ ।୪ ।
ମୋ ପାଇଁ ସମସ୍ତେ ବ୍ୟାକୁଳ ମୋତେ ପାଇବା ପାଇଁ ।
ଜୀବନ ମୋ ବିନୁ ଅସ୍ଥିର ଦୁଃଖ -ଯନ୍ତ୍ରଣା ପାଇ ।୫ ।
ଦୀନ ଠାରୁ ରାଜା ପର୍ଯ୍ୟନ୍ତ ପ୍ରିୟ ସମସ୍ତଙ୍କର ।
ନାହିଁ ଭେଦଭାବ ମୋଠାରେ ସମସ୍ତେ ଆପଣାର ।୬ ।
ଐଶ୍ୱର୍ଯ୍ୟ - ସମ୍ପଦେ ସର୍ବଦା ମୋର ଥାଏ ଅଭାବ ।
ଧନୀ -ମାନୀ -ଲୋଭୀ -ଅଜ୍ଞାନ ଭୋଗନ୍ତି ପରାଭବ ।୭ ।
ଜ୍ଞାନ ଗୁରୁ ଅଟେ ଭାରତ ଶାନ୍ତିର ସେ ପ୍ରତୀକ ।
ଶାନ୍ତି ବାର୍ତ୍ତା ଦେଇ ବିଶ୍ୱରେ ହେଲା ମହାନାୟକ ।୮ ।
ଲାଲ ବାହାଦୂର ଶାସ୍ତ୍ରୀଜି ଥିଲେ ଶାନ୍ତିର ଦୂତ ।
ଭାରତର ଶାନ୍ତି ପ୍ରତୀକ ଅଟେ ପକ୍ଷୀ କପୋତ ।୯ ।

ସର୍ବଧର୍ମ ସମନ୍ୱୟର ଦେଶ ଭରତବର୍ଷ ।
ଶାନ୍ତି ଓ ସଦ୍ଭାବ ବତର ବଶ୍ୱେ ଲଭଛି ଯଶ ।୧୦ ।
ଶାନ୍ତି-ମୈତ୍ରୀ-ପ୍ରୀତ-ଶ୍ରଦ୍ଧାର ଅଟେ ମିଳନ ସ୍ଥଳ ।
ସହଷ୍ଣୁ ଗୁଣରେ ମହାନ ଜଗତରେ ବରଳ ।୧୧ ।
ଶାନ୍ତି ଓ ସଦ୍ଭାବ ନମନ୍ତେ ମିଳେ ଶ୍ରେଷ୍ଠ ସମ୍ମାନ ।
"ନୋବେଲ"ଙ୍କ ନାମେ ପ୍ରଦତ୍ତ ପୁରସ୍କାର ମହାନ ।୧୨ ।
ପୂଜା ଓ ବୈଦକ କାର୍ଯାନ୍ତେ ହୁଏ ଶାନ୍ତିର ପାଠ ।
ଶାନ୍ତି ପାଠ ବନା ସକଳ କାର୍ଯ ହୁଅଇ ବ୍ୟର୍ଥ ।୧୩ ।
ମାନସିକ ଅବସାଦ ଯେ ଅଶାନ୍ତିର କାରଣ ।
ଚନ୍ତାରେ ମନୁଷ୍ୟ ଶରୀର ହୁଅଇ ଜରଜୀର୍ଣ୍ଣ ।୧୪ ।
ଶାନ୍ତି ପ୍ରାପ୍ତି ପାଇଁ ମଣିଷ ହୁଅଇ ବାଟବଣା ।
ଅଶାନ୍ତି ମନରେ ସର୍ବଦା ହୁଏ ସେ ଆନମନା ।୧୫ ।
ମୁକ୍ତ ଆକାଶରେ ବହଙ୍ଗ ପାଏ ଅସିମ ଶାନ୍ତି ।
ପିଞ୍ଜରା ଆବଦ୍ଧ ଶୁକର ହୁଏ ନରକଗତ ।୧୬ ।
ସ୍ୱାଧୀନ ଭବରେ ପଶୁଏ ବନେ ସୁଖେ ଜୀବନ୍ତି ।
ଯନ୍ତା ମଧ୍ୟେ ବନ୍ଦୀ ହୋଇଣ ଭୋଗୁଥାନ୍ତି ଦୁର୍ଗତ ।୧୭ ।
'ଶାନ୍ତି'କୁ ପାଇବା ଜୀବନେ ଅତ କଷ୍ଟ ବ୍ୟାପାର ।
ଉପକାର -ପୁଣ୍ୟ କର୍ମରେ ପ୍ରାପ୍ତି ହୁଏ ସତ୍ୱର ।୧୮ ।
ବଡ଼ ପଣିଆରେ ଅଶାନ୍ତି ଅଟେ ବଡ଼ ଦାରୁଣ ।
ମହତ ପଣରେ ସୁଶାନ୍ତି କରେ ବରାଜମାନ ।୧୯ ।
ଶାନ୍ତି ଯେ ମାନବ ଦୁର୍ଲଭ ଏହା ନଛକ ସତ୍ୟ ।
ପ୍ରାରବ୍ଧ କର୍ମରୁ ସୁଲଭ ଏହ ଯୁକ୍ତି ଅକାଟ୍ୟ ।୨୦ ।
ସମ୍ପ୍ରତ ବଶ୍ୱରେ ଶାନ୍ତିର ସ୍ଥିତ ଘୋର ଅଭାବ ।
ଅଶାନ୍ତିର ମୂଳ ବୀଜଟି ଉଗ୍ରବାଦ ପ୍ରଭାବ ।୨୧ ।
ସ୍ୱଧର୍ମକୁ ଦ୍ୱାହୀ ଦେଇଣ ଧର୍ମ ଯୁଦ୍ଧ କରନ୍ତି ।

ଉଗ୍ରବାଦୀ ହୋଇ ମନୁଷ୍ୟ ଧନ -ଜନ ନାଶନ୍ତି ।୨୨ ।
ଆତଙ୍କବାଦୀର ଆତଙ୍କେ ଶାନ୍ତି ହୋଇଛି ଦୂର ।
ଭୟ ଓ ଶଙ୍କାରେ ମଣିଷ କରେ ଆର୍ତ୍ତ ଚିତ୍କାର ।୨୩ ।
ସଙ୍କୀର୍ଣ୍ଣ ଧର୍ମୀୟ ଭାବନା ଯେବେ ଦୂର ନ ହେବ ।
ଉଗ୍ରବାଦୀ ରୂପୀ ରାକ୍ଷସ ବିଶ୍ୱ ଧ୍ୱଂସ କରିବ ।୨୪ ।
ଜାତି -ଧର୍ମ ଭେଦ ଭୁଲିଣ ସର୍ବେ ଏକ ହୋଇବା ।
ବସୁଧାକୁ ଏକ ପରିବାରରେ ବାନ୍ଧିପାରିବା ।୨୫ ।
ଦେଶେ ଦେଶେ ଶାନ୍ତି -ସଦ୍ଭାବ ହେଉ ସୁପ୍ରତିଷ୍ଠିତ ।
ମାନବ ମନରୁ ଅସୂୟା ଭାବ ହେଉ ଦୂରିତ ।୨୬ ।
ଶାନ୍ତିରୁ ମିଳଇ ମୁକତି ହେଲେ ଈଶ୍ୱର ପ୍ରାପ୍ତି ।
ଈଶ୍ୱର ପ୍ରାପ୍ତିର ହେତୁ ଶ୍ରଦ୍ଧାଭାବ ଓ ଭକ୍ତି ।୨୭ ।
ଅର୍ଥ ଯେ ଅଟଇ ଅନର୍ଥ ଅଶାନ୍ତିର କାରଣ ।
"ମୁଁ" କାର ପଣିଆ ବଢାଏ ନାଶ କରେ ଜୀବନ ।୨୮ ।
ତ୍ରିବିଧ ଶାନ୍ତି ଯେ ସଂସାରେ ବେଦ-ଶାସ୍ତ୍ରେ ବର୍ଣିତ ।
ଆଧ୍ୟାତ୍ମିକ -ଆଧିଭୌତିକ -ଆଧିଦୈବିକ ସେ ତ ।୨୯ ।
ଈଶ୍ୱର ଭକ୍ତିରୁ ମିଳାଇ ଆଧ୍ୟାତ୍ମିକ ଆନନ୍ଦ ।
ଦେବତାଙ୍କ ଆଶୀର୍ବାଦରୁ ପ୍ରାପ୍ତି ଦୈବିକ ମୋଦ ।୩୦ ।
ପଞ୍ଚମହାଭୂତ ତତ୍ତ୍ୱରୁ ମିଳେ ଭୌତିକ ତୁଷ୍ଟି ।
"ଶାନ୍ତି"ର ତ୍ରିବାର ପଠନେ ମିଳେ ତ୍ରିବିଧ ଶାନ୍ତି ।୩୧ ।

ପ୍ରଧାନ ଶିକ୍ଷକ, ସାଙ୍କୁଡ଼ା, ଗଞ୍ଜାମ, ଓଡ଼ିଶା
e-mail-prabodhamudra@gmail.com
ଦୂରଭାଷ -୭୮୯୪୯୧୬୧୩୧

# ଅଭି - ଲିପ୍ସା



ପ୍ରତିଭା ପ୍ରିୟଦର୍ଶିନୀ

ସନ୍ଧ୍ୟାର ହାଲୁକା କିରଣରେ ସାଗର କୂଳରେ ପବନର ଅପୂର୍ବ ସିମ୍ଫୋନୀ । ରାଶି ରାଶି  ସ୍ୱର୍ଣ୍ଣାଭ ବାଲୁକାରେଣୁ ଉପରେ ଆତ୍ମଗୋପନ ଛଡ଼ି ନାଲି କଙ୍କଡ଼ା ଗୁଡ଼ାଏ ବ୍ୟଗ୍ର ପଦପାତରେ ଆଗେଇ ଚାଲିଛନ୍ତି ନିଜ ସ୍ୱଚ୍ଛନ୍ଦତାର ଆନନ୍ଦ ନେବାକୁ । ଦୂରନ୍ତ ଦିଗବଳୟ, ଯେଉଁଠି ସାଗର ବୁକୁରେ ମୁହଁଗୁଞ୍ଜି ଶାନ୍ତିରେ ନିଃଶ୍ୱାସ ନେଉଛି ଆକାଶ । ଉଭୟଙ୍କ ନିଳୀମାର ଏକୀକୃତ କାନଭାସରେ ଝଲସି ଉଠୁଛି ନୀଡ଼ବାହୁଡ଼ା ପକ୍ଷୀଙ୍କର ରଙ୍ଗୀନ ଡେଣା ଯେତେ । ଉଦ୍‌ବେଳିତ ମନ ଓ ବିକ୍ଷିପ୍ତ ଚିନ୍ତନରୁ ସମ୍ବିତ୍ ଫେରିପାଇଲା ଲିପ୍ସା, ଯେତେବେଳେ ପୁଅ ହସି ହସି ପାଟି କରୁଥିଲା, “ମାମା ଦେଖ । ତୋ ଜୋତାକୁ ସମୁଦ୍ର ନେଇଗଲା । ତୁ ଏବେ ଖାଲି ପାଦରେ ଘରକୁ ଯିବୁ ।” ସତେ ତ ! ସେ ଏତେ ଅନ୍ୟମନସ୍କ ଥିଲା ଯେ କେତେବେଳେ ନୂଆ ଜୋତାହଳକ ସମୁଦ୍ର ସମାଧି ପାଇଲା ସେ ଜାଣିପାରିଲା ନାହିଁ । ପୁଅ ସାଙ୍ଗରେ ଖେଳୁଥିଲେ ସୁଦ୍ଧା ଅଭି ଏ ସବୁ ଲକ୍ଷ୍ୟ କରିଥିଲେ । ସେତେବେଳେ କିଛି କହିଲେନି । ରାତିରେ ପୁଅ ଶୋଇଯିବାପରେ ଯେବେ ଅବଶ ଦେହ ଓ ମନକୁ ଶଯ୍ୟାରେ ଢାଳିଦେବାକୁ ଲିପ୍ସା ଉପକ୍ରମ କରୁଥିଲା, ସେହି ସମୟକୁ କଥା ହେବାପାଇଁ ଉଚିତ ମନେକଲେ ଅଭି ।

ଲପ୍‌ସାକୁ ଅନୁରୋଧ କଲେ କିଛି ସମୟ କଥା ହେବାପାଇଁ । ସେ ମଧ୍ୟ ବାଧ୍ୟ ଶିଶୁଟି ଭଳି ତାଙ୍କ ପାଖରେ ବସିଗଲା । ତା ହାତପାପୁଲିକୁ ମୁଠେଇ ଧରି, କଥାରେ ସ୍ନେହସ୍ପର୍ଶ ଦେଇ ଅଭି ପଚାରିଲେ, "ଏତେ ଅନ୍ୟମନସ୍କ କାହିଁକି ତୁମେ ?" ଲପ୍‌ସା କିଣ ଉତ୍ତର ଦେବ ଚିନ୍ତା କରିବା ଆଗରୁ ସେ ପୁଣି କହିଲେ, 'ତୁମେ ଲପ୍‌ସାର ଆସିବା କଥାକୁ ନେଇ ଏତେ ଶଙ୍କିତ, ବିବ୍ରତ ଓ ଚିନ୍ତିତ କାହିଁକି ? ସେ ଏକଦା ତୁମର ରୁମ୍‌ମେଟ୍, ପ୍ରିୟ ବାନ୍ଧବୀ, ବାନ୍ଧବୀ ତ ନୁହେଁ ସହୋଦରା ଭଉଣୀ ସମାନ ଥିଲା । ତାକୁ ନେଇ ଏତେ ଦ୍ୱନ୍ଦ ?"

ଲପ୍‌ସା ହଠାତ୍ ଚକିତ ହେଲା, ବିନା କୌଣସି ଗୌରଚନ୍ଦ୍ରିକାରେ ଅଭିଙ୍କ ସଳଖ ପ୍ରଶ୍ନଟାକୁ ଶୁଣି । ଅତର୍କିତ ଧରା ପଡ଼ିଯାଇଥିବା ଅପରାଧୀଟି ଭଳି ଶଙ୍କିତ ଲପ୍‌ସାର ପାପୁଲି ଝାଳରେ ଭିଜିଗଲା । ଅବନତ ମୁହଁକୁ ତା'ର ତୋଳିଧରି ଅଭୟ ଦେଲାଭଳି ଦୃଢ଼କଣ୍ଠରେ କହିଲେ ଅଭି, "ତୁମେ ଯେଉଁ କଥାଟି ପାଇଁ ଚିନ୍ତିତ, ସେ ସତ୍ୟ ସହିତ ମୁଁ ଆମ ପ୍ରଥମ ଦିନରୁ ଅବଗତ । ସେ ସତ୍ୟ ମୋଠାରୁ ଲୁଚେଇ ରଖିଛ ବୋଲି ନିଜ ଭିତରେ ଏଯାଏଁ ଆତ୍ମଯୁଦ୍ଧ ଚଳେଇଛ । ଏବେ ପୁଣି ଲପ୍‌ସା ଆସିବା କଥା ଜାଣି ଅପରାଧ ବୋଧରେ ନିଜକୁ ଭାରାକ୍ରାନ୍ତ କରି ପକାଉଛ । ମୁଁ ସବୁ ଜାଣେ, ବରଂ ତୁମେ ବହୁତ କିଛି ଜାଣନାହିଁ ।" ଏତିକି ଶୁଣିବା ପରେ ବନ୍ଧଭାଙ୍ଗି ଲପ୍‌ସା ଆଖିରୁ ଉଜାଣି ବହିଲେ ଅଶ୍ରୁର ଗଙ୍ଗା ଯମୁନା । କୋଳେଇ ନେଲେ ଅଭି । ତାଙ୍କ ପ୍ରଶସ୍ତ ବକ୍ଷରେ ମୁହଁଗୁଞ୍ଜି ମନ ହାଲୁକା ହେବାଯାଏଁ କାନ୍ଦିଲା ଲପ୍‌ସା ।

ଅଭି ପୁଣି ଆରମ୍ଭ କଲେ, "ଆଜି ତୁମେ ସବୁ ସତ୍ୟ ଶୁଣିନିଅ, ତା'ପରେ ତୁମ ନିଷ୍ପତ୍ତି ଯାହାହେବ ମୁଁ ନିଃସର୍ତ୍ତ ମାନିନେବି । ଆଜିଠୁ ଦୀର୍ଘ ୧୧ ବର୍ଷ ତଳେ, ଯେତେବେଳେ ମୁଁ ବୈଜ୍ଞାନିକ ଅଭିଜିତ୍ ସାମନ୍ତ ନଥିଲି । ଥିଲି ଯୁବ ଲେଖକ ଅଭି । DRDOର ପ୍ରୟୋଗଶାଳା ନୁହେଁ ବରଂ ବାଣୀବିହାରର ପଦାର୍ଥ ବିଜ୍ଞାନ ବିଭାଗରେ ଦିନ ବିତୁଥିଲା । ପାଠପଢ଼ା ଭିତରେ କାହାଣୀ ଲେଖିବାର ସଉକ ଏବଂ ପ୍ରମୁଖ ଏକ ଗଳ୍ପ ପତ୍ରିକା ଯିଏ ନୂଆ ଲେଖକଙ୍କୁ ପ୍ରୋତ୍ସାହନ

ଦେଉଥିଲି, ସେଥିରେ ପ୍ରକାଶନ ପରେ ଖୁବ୍ ଗୋଟାଏ ଗାଳ୍ପିକର ପରିଚୟ ପାଇଥିଲି । ମୋ କାହାଣୀର ନାୟିକା ଭିତରେ ନିଜକୁ ଖୋଜିପାଉଥିଲେ ଅନେକ ତରୁଣୀ । ପ୍ରତିଦିନ ଗଦା ଗଦା ଶୁଭେଚ୍ଛା ଚିଠି ମିଳେ । କେଉଁଠି ପ୍ରଶଂସାର ପାହାଡ଼, ପୁଣି କେଉଁଠି ବାସ୍ନା ମହମହ ଗୋଲାପୀ ପ୍ରେମ ନିବେଦନ । ସେ ସବୁ ଚିଠି ଭିତରେ ମୁଁ କିନ୍ତୁ ଖୋଜେ ଗୋଟିଏ ଠିକଣା, ରୁମ୍ ନଂ - ୮, ରେଭେନ୍‌ସା ଛାତ୍ରୀନିବାସ । ଗୋଲଗୋଲ ସୁନ୍ଦର ହସ୍ତାକ୍ଷରରେ ଖୁବ୍ ସାର୍ଥକ ସମାଲୋଚନା (ଉଭୟ ସକାରାତ୍ମକ ଓ ନକାରାତ୍ମକ) ଲେଖି ପଠାଏ ଜଣେ +୨ ର ଛାତ୍ରୀ 'ଲିପ୍‌ସା' । ଖୁବ୍ କମ୍ ପାଠକଙ୍କ ଚିଠିର ଉତ୍ତର ମୁଁ ଦିଏ । ସେ ଥିଲା ଜଣେ ଏମିତି ପାଠିକା ଯାହାକୁ ମୁଁ ପ୍ରତିଥର ନିଶ୍ଚିତ ଉତ୍ତର ଲେଖିଛି । ଚିଠି ଲେଖା ଭିତରେ ଭଲ ପରିଚୟ ହୋଇଗଲା ଆମ ଭିତରେ । ସେ ସହଜ ହୋଇଯିବା ପରେ ପ୍ରାୟତଃ ତା ରୁମମେଟ୍ ଅନ୍ୟଜଣେ ଲିପ୍‌ସା ବିଷୟରେ କହେ । ଦୁହିଁଙ୍କ ନାଁ ସମାନ ଖାଲି ସାଙ୍ଗିଆ ଭିନ୍ନ । ଏମିତି ୬-୭ ମାସ ଚିଠି ଦେବା ନେବା ଭିତରେ ଝିଅଟା ପ୍ରତି ମୋର ଏକ ପ୍ରକାର ପ୍ରତ୍ୟୟ ଆସିଯାଇଥିଲା । ତାକୁ ପ୍ରେମ ବୋଲି କୁହାଯାଇ ନପାରେ, କିନ୍ତୁ ତା ସହିତ ଦେଖା କରିବାର ଇଚ୍ଛା କ୍ରମଶଃ ଜୋର ଧରୁଥିଲା ମୋ ଭିତରେ । ଥରେ ସାହାସ କରି ଚିଠି ଲେଖିଲି । ଜାନୁଆରୀ ୧୦ ତାରିଖ, ଶନିବାର । ସେଦିନ ଥିଲା ଶାମ୍ବଦଶମୀ । ଛୁଟିଦିନ ଥିଲା, ତେଣୁ ସକାଳ ୧୧ଟା ବେଳେ ରେଭେନ୍‌ସା କଲେଜର ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଭେଟିବାକୁ କହିଥିଲି । ମୁଁ ତାକୁ ପଚାରିନଥିଲି, ବରଂ ରୀତିମତ ଆଦେଶ ଦେଇଥିଲି । ଚିଠି ପାଇବା ପରେ ହଷ୍ଟେଲ୍‌ରେ କଣ ହେଲା ସେକଥା ତୁମେ କୁହ... ?"

ସେତେବେଳକୁ ଲିପସାର କାନ୍ଦ ବନ୍ଦ ହୋଇସାରିଥିଲା, ଆଉ ସେ ସବୁ ଧ୍ୟାନରେ ଶୁଣୁଥିଲା । ମୁଣ୍ଡ ସଳଖି ଅଭିଙ୍କ ସ୍ମିତହସ ଦେଖି ସହଜ ହେଲାପରେ କହିଲା, "ଲିପି ଆଉ ମୋ ନାଁ ଏକା ଥିଲା । ତା ନାଁ ଥିଲା ଲିପ୍‌ସା ମିଶ୍ର ଆଉ ମୁଁ ଲିପ୍‌ସା ଦାଶ । ତେଣୁ ସମସ୍ତେ ତାକୁ ଲିପି ଆଉ ମୋତେ ଲିପୁ ବୋଲି ଡାକୁଥିଲେ, ଯେହେତୁ ଆମେ ଦୁହେଁ ପରସ୍ପରକୁ ଏଇ ନାଁରେ

ଡାକୁଥିଲୁ । ସାଙ୍ଗ ନୁହେଁ ବରଂ ଦୁଇ ଭଉଣୀ ଭଳି ଥିଲା ଆମ ସମ୍ପର୍କ । ତୁମ ଚଠି ଆସିଲେ ଆମେ ଦୁଇଜଣ ମିଶିକି ପଢୁଥିଲୁ । ମୋର ଗଳ୍ପ ପଢ଼ିବାରେ କୌଣସି ଆଗ୍ରହ ନଥିଲା । ଆଉ ତୁମେ ସେ ଚଠିରେ କଣ ଲେଖ ସେ ସବୁ ବିଷୟରେ ମଧ୍ୟ ମୋର କୌଣସି ଆଗ୍ରହ ନଥିଲା । କିନ୍ତୁ ସେ ବୟସରେ ଜଣେ ତରୁଣ ରୋମାଣ୍ଟିକ୍ ଲେଖକ ଠାରୁ ଆସିଥିବା ଚଠି ପଢ଼ିବାର ରୋମାଞ୍ଚକୁ କିନ୍ତୁ ମୁଁ ଆଡ଼େଇ ଦେଇ ପାରୁନଥିଲି । ଲିପି ତୁମ ବିଷୟରେ ଏତେ କହୁଥିଲା ଯେ ଯିଏ ବି ଶୁଣିବ ସେ ତୁମ ଆଡ଼କୁ ଆପେ ଆପେ ଢଳିଯିବ । ତୁମେ ଯେବେ ଦେଖା କରିବାପାଇଁ କହିଲ, ସେ ବଡ଼ ଚିନ୍ତାରେ ପଡ଼ିଗଲା । ଖୁବ୍ ସରଳ ଝିଅଟେ ସେ । ପ୍ରଥମଥର ଏକୁଟିଆ କୌଣସି ପୁଅକୁ ଦେଖା କରିବାକୁ ସେ ଅସମ୍ଭବ ଭାବେ ଭୟ କରୁଥିଲା । ଦୁହେଁ ମିଶି ଠିକ୍ କଲୁ, ପ୍ରଥମେ ମୁଁ ଯାଇ ପରଖିନେବି, ତୁମେ କେମିତି ମଣିଷଟିଏ । ତା ପରେ ସେ ଚଠିରେ ସତକଥା ଜଣାଇ କ୍ଷମା ମାଗିନେବ । ସେଦିନ ସେଥିପାଇଁ ତା ସ୍ଥାନରେ ମୁଁ ଆସିଥିଲି ତୁମକୁ ଦେଖା କରିବାପାଇଁ । କିନ୍ତୁ ସେ ଦିନର ସାକ୍ଷାତ ପରେ ମୁଁ ତୁମ ପ୍ରତି ଅସମ୍ଭବ ଭାବରେ ଆକୃଷ୍ଟ ହୋଇପଡ଼ିଲି । ଏବଂ ତୁମ ଚଠିରୁ ଜାଣିଲି ତୁମେ ମଧ୍ୟ ମୋରେ ପସନ୍ଦ କରୁଥିଲ । ଲିପି କଟକ ଚଣ୍ଡୀଙ୍କ ରାଣ ଖାଇକି କହିଥିଲା ଯେ କେବଳ ତା'ର ମୋର ବ୍ୟତୀତ ତୃତୀୟ କେହି ଜାଣିବେନି ଯେ ତୁମକୁ ଚଠି ଲେଖୁଥିବା ଲିପ୍‌ସା ଓ ତୁମେ ଦେଖିଥିବା ଲିପ୍‌ସା ଦୁଇଜଣ ଭିନ୍ନ ଭିନ୍ନ ମଣିଷ ବୋଲି । ହେଲେ ଏତେବର୍ଷ ପରେ ଆତ୍ମପ୍ରକାଶ କରି ଲିପି ମତେ ପୁଣିଥରେ ସଂଶୟ ଗହ୍ୱରକୁ ଠେଲି ଦେଇଛି ।" ଏତକ କହି ସେ ପୁଣିଥରେ ଅଭିଙ୍କ ଉପରେ ଆଉଜି ପଡ଼ିଲା ।

ତା ଅଳିଆ କେଶକୁ ଆଙ୍ଗୁଳିରେ କେରି କେରି ଭାଙ୍ଗି କରୁ କରୁ ଅଭି ଦୀର୍ଘଶ୍ୱାସଟିଏ ନେଇ କହିଲେ, "ତୁମେ ଜାଣିନି ଲିପ୍‌ସା, ତୁମ ଲିପିର କାୟା ସିନା ଛୋଟ, ମନଟା ତା'ର କିନ୍ତୁ ବେଶ୍ ବଡ଼ । ସେ ତୁମ ସୁଖ ସଂସାରରେ ଭୂମିକମ୍ପ ଆଣିବାକୁ ଆତ୍ମ ପ୍ରକାଶ କରିନି । ତା ତ୍ୟାଗ ଯୋଗୁଁ ହିଁ ତୁମେ ଆଜି ସଂସାର କରି ସୁଖ ପ୍ରାଚୁର୍ଯ୍ୟ ଭୋଗ କରୁଛ । ମୁଁ ନିଜେ ତାକୁ ଆମନ୍ତ୍ରଣ କରିଛି

ଆମ ଘରକୁ ।" ପ୍ରଶ୍ନିଳ ଦୃଷ୍ଟିରେ ଲପ୍‌ସା ନିର୍ବୋଧଙ୍କ ଭଳି ଚାହିଁ ରହିଥାଏ ।

ସେଇ ପ୍ରଥମ ସାକ୍ଷାତ ଦିନ ହିଁ ମୁଁ ତୁମକୁ ଦେଖିବା ପରେ ଜାଣି ଦେଇଥିଲି ଯେ ତୁମେ ସେହି ଲପ୍‌ସା ନୁହଁ ଯେ ମୋତେ ଚିଠି ଲେଖୁଥିଲା । ସେ ଚିଠିରେ ଅବଶ୍ୟ ପୁରା ନାଁ କେବେ ବି ନ ଲେଖିଥିଲେ ସୁଦ୍ଧା, ଥରେ ସେ କଥା ପ୍ରସଙ୍ଗରେ ନିଜର ଲମ୍ବା ବେଣୀ ବିଷୟରେ ଲେଖିଥିଲା, ତୁମେ ଦୁହେଁ ସେ କଥା ହୁଏତ ଭୁଲି ଯାଇଥିଲ । ତୁମ ବବ୍ କଟ୍‌ର ସାନ କେଶ ଦେଖୁ ଦେଖୁ ମୁଁ ଜାଣି ଦେଇଥିଲି ଯେ ତୁମେ ସେ ଲପ୍‌ସା ନୁହଁ । ହେଲେ ସାମନାରେ ତୁମ ପରି ରୂପସୀକୁ ଦେଖି ମନେ ମନେ କୁରୁଳି ଉଠିଥିଲି ଲଟେରୀ ଜିତିବା ଭଳି । ହଷ୍ଟେଲ ଫେରିବାର ଚଞ୍ଚଳତାରେ ତୁମେ ରେଷ୍ଟୁରାଣ୍ଟ ଟେବୁଲରେ ନିଜ ମନିପର୍ସଟା ଛାଡ଼ିଦେଇ ଚାଲିଯାଇଥିଲ । ମୁଁ ସେଥିରୁ ସନ୍ତର୍ପଣରେ ହାତେଇ ନେଇଥିଲି ତୁମର ରୁମାଲକୁ, ଆମ ସାକ୍ଷାତର ପ୍ରଥମ ସନ୍ତକ ଭାବରେ । ହଷ୍ଟେଲ୍ ଗେଟ ପାଖରେ ତୁମ ପର୍ସ ଫେରାଇବା ପାଇଁ ପହଞ୍ଚିବା ବେଳକୁ ଦେଖିଲି ଜଣେ ତନୁପାତଳୀ ଅଳ୍ପ ଉଚ୍ଚତାର ଝିଅଟିଏ ଗେଟ୍‌କିପରକୁ ଅନୁନୟ ହେଉଥିଲା ମୁଣ୍ଡବ୍ୟଥା ନିବାରଣ ଔଷଧ ଆଣିଦେବାପାଇଁ । ଖଣ୍ଡେ କାଗଜରେ ନିଜ ନାଁ ଆଉ ଔଷଧର ନାଁ ଲେଖି ସେ କାଗଜଟିକୁ ଗେଟ୍ କିପର୍ ଆଡ଼କୁ ବଢ଼ାଇ ଦେଉଥିବା ବେଳେ ତାହା ଉଡ଼ି ଆସି ମୋ ପାଖରେ ପଡ଼ିଥିଲା । କାଗଜଟିକୁ ଦେଖୁ ଦେଖୁ ସେଇ ପରିଚିତ ଠିକଣା ଦେଖିବାକୁ ପାଇଲି । ମୋ ବୁଝିବାକୁ ବାକି ରହିଲାନି ଯେ ସେ ଥିଲା ମୋ ଲେଖାର ସମାଲୋଚିକା ଲପ୍‌ସା, ତୁମ ଲିପି । ସେଦିନ ପରେ ସେ ଆଉ ଚିଠି ଲେଖିନଥିଲା । କିନ୍ତୁ ଚିଠି ମୁଁ ପାଉଥିଲି, କାରଣ ତୁମେ ଲେଖୁଥିଲ । ସେଥିରେ ମୋ ଗଳ୍ପର ସମାଲୋଚନା ନଥିଲା, ଥିଲା ଖାଲି ତୁମ ମନକଥା, ଖଟାମିଠା ପ୍ରେମର ସନ୍ଦେଶରେ ମହମହ ବାସୁଥିବା ତୁମ ସବୁ ଚିଠିର ଫର୍ଦ୍ଦ ।

ତା'ପରେ ଆମର ୫ବର୍ଷର ସମ୍ପର୍କ, ଆଉ ତାପରେ ବିବାହ । ଆମ ପ୍ରଥମ ସନ୍ତାନଟି ନଷ୍ଟ ହେବାବେଳେ ଡାକ୍ତର କହିଥିଲେ ଯେ ତୁମ ଜରାୟୁର କ୍ଷୁଦ୍ରତା ଗର୍ଭଧାରଣ ଲାଗି ଅନୁପଯୁକ୍ତ,

ତୁମେ ଏକବାର ଭାଙ୍ଗିପଡ଼ିଥିଲ । ତୁମକୁ ଧୈର୍ଯ୍ୟ ଦେଉଥିଲେ ବି ମୋ ମନ ଏକାନ୍ତରେ ବିଳାପ କରୁଥିଲା ସନ୍ତାନ ଲୋଭରେ । ସେତେବେଳେ ଲିପି ହିଁ ଦେବଦୂତ ଭଳି ପୁଣିଥରେ ଆସିଥିଲା ଆମ ଜୀବନରେ । ସେ ଡାକ୍ତରଙ୍କ ସମ୍ପର୍କୀୟା । ଆମକୁ ଅନ୍ୟ ଜଣେ ମହିଳାର ଗର୍ଭରେ ଭ୍ରୂଣକୁ ରୋପଣ କରି ସନ୍ତାନ ପ୍ରାପ୍ତି ପାଇଁ ରାଜି କରାଇଥିଲେ ଡାକ୍ତର । ନିଜ ସନ୍ତାନ ପାଇଁ ସୁରକ୍ଷିତ ଓ ଭଲ ମାତୃଗର୍ଭଟିଏ ଖୋଜିବା ବେଳେ, ଲିପିକୁ ଡାକ୍ତର ଏ କଥା ଜଣାଇଥିଲେ ଆମ ନାମ ଗୋପନ ରଖି । ସେ ଅବିବାହିତା ରହିବାର ନିଷ୍ପତ୍ତି ନେଇ ସାରିଥିଲା, ତେଣୁ ତା ଆଡୁ ସେ ହଁ ଭରିଥିଲା । ଆମ ପୁଅକୁ ଲିପି ହିଁ ତା ଗର୍ଭରେ ଧାରଣ କରି ଜନ୍ମ ଦେଇଥିଲା । କେଉଁ ଏକ ତପସ୍ୱିନୀ ଭଳି ଅବିବାହିତା ରହି ଏକ ଅସଙ୍ଗତ ମୋକ୍ଷ ଲାଳସାରେ କୃଚ୍ଛ୍ର ସାଧନା ଚଳେଇଥିବା ସେ କ୍ଷୀଣାଙ୍ଗୀ ଝିଅଟା ହଠାତ୍ ଖୁବ୍ ବଡ଼ ହୋଇଗଲା । ଅନ୍ୟ ଜଣେ ଅପରିଚିତା ନାରୀ ଜୀବନରେ ପୂର୍ଣ୍ଣତା ଭରିଦେବାକୁ ଏତେ ବଡ଼ ତ୍ୟାଗ କରିବା କିଛି କମ କଥା ନୁହେଁ ।

ମୁଁ ବି ତା'ର ଏ ଉପକାର କଥା ଜାଣିପାରିଥାନ୍ତି । କିନ୍ତୁ ସେ ନିଜ ନାମ ଓ ପରିଚୟ ଗୋପନ ରଖିବା ପାଇଁ ଡାକ୍ତରଙ୍କୁ ବାଧ୍ୟ କରାଇଥିଲା । ଜାଣିଛ ଆଜି ସେ ମୃତ୍ୟୁର ଖୁବ୍ ପାଖାପାଖି । ତାକୁ କର୍କଟ ରୋଗ ହୋଇଛି ବୋଲି ଏଇ ନିକଟରେ ସେ ଜାଣିପାରିଲା । ଭଲ ହେବାର ସମ୍ଭାବ୍ୟ ସମୟ ଅତିକ୍ରାନ୍ତ ହୋଇ ସାରିଛି । ହେଲେ ମୃତ୍ୟୁପୂର୍ବରୁ ନିଜ ଜନ୍ମିତ ସନ୍ତାନକୁ ଥରେ ଆଖି ପୁରେଇ ଦେଖିବା ଲାଗି ଶେଷ ଇଚ୍ଛା ସ୍ୱରୂପ ସେ ଡାକ୍ତରଙ୍କୁ ଅନୁରୋଧ କରିଥିଲା ବଡ଼ ସନ୍ତର୍ପଣରେ । ଡାକ୍ତରଙ୍କ ଠାରୁ ଏ କଥା ଶୁଣି ମୁଁ ଆଜି କ୍ଲିନିକକୁ ଯାଇଥିଲି, ଜଣେ ମା'ର ଶେଷ ଆଶା ପୂରଣ କରିବାଲାଗି ଦିନ ଓ ସମୟ ସ୍ଥିର କରିବା ପାଇଁ । ସୁଯୋଗ କୁହ ବା ଦୁର୍ଯୋଗ, ସେଠି ଦେଖା ହେଲା ଲିପି । ମୋ ବିଦଗ୍ଧ ପାଠିକା, ସଚ୍ଚୋଟ ସମାଲୋଚିକା, ତୁମ ଆଉ ମୋ ସମ୍ପର୍କର ସୂତ୍ରଧର, ଆଉ ଆମ ଏକମାତ୍ର ସନ୍ତାନର ଜନ୍ମଦାତ୍ରୀ । ଡାକ୍ତର ହିଁ ସବୁ ସତ୍ୟ ପ୍ରକାଶ କଲେ । ଏକ ପ୍ରକାର ଭଲ ହେଲା । ଅନ୍ତିମ ସମୟରେ ତାକୁ ସତ୍ୟ ନ ଜଣାଇବା

ମସ୍ତବଡ଼ ଅପରାଧ ହୋଇଥାନ୍ତା । ନୁହେଁ କି ? ସବୁ ଜାଣିବା ପରେ ମୁଁ ତାକୁ କାଲି ଆମ ଘରକୁ ଆସିବା ଲାଗି ଜୋର କରି କହି ଆସିଲି । ତୁମ ନାଁ ଆଉ ପୁଅ ନାଁରେ ଦ୍ୱାହି ଦେଇ । ଏବେ ସବୁ କିଛି ଜାଣିବାପରେ ତୁମେ ଯାହା ନିଷ୍ପତ୍ତି ନେବ ମୁଁ ସେଥିରେ ରାଜି । ରାତି ଅନେକ ହେଲାଣି, ଚାଲ ଶୋଇପଡ଼ିବା ।

ପରଦିନ ସକାଳ ଏକ ନୂଆ ସୂର୍ଯ୍ୟୋଦୟ ନେଇ ଆସିଥିଲା । ଲିପ୍‌ସା ସକାଳୁ ଘରକୁ ଭଲ କରି ସଜାଡ଼ି ନେଲା । ଲିପିକୁ ସାଙ୍ଗରେ ଧରି ପହଞ୍ଚିଲେ ଅଭି । ଦୁଇ ବାନ୍ଧବୀ ଏକ ଦଶନ୍ଧି ପରେ ପରସ୍ପରକୁ କୋଳାଗ୍ରତ କରି ଖୁବ୍ ଭାବୁକ ହୋଇ ପଡୁଥିଲେ । ସେତିକି ବେଳକୁ କୁନି ପୁଅ ଆସି ଲିପିକୁ ନମସ୍କାର ଆଣ୍ଟି ବୋଲି କହିବା ବେଳେ ଲିପ୍‌ସା ତାକୁ ବୁଝେଇ ଦେଇଥିଲା, “ବାବୁରେ ଇଏତ ତୋ ଆଣ୍ଟି ନୁହେଁ, ମା । ମୋତେ ଯେମିତି ମା ବୋଲି ଡାକୁଛୁ ୟାଙ୍କୁ ବି ସେମିତି ମାଆ ବୋଲି ଡାକ । ମୁଁ ବି ତୋର ମାମା ଆଉ ଇଏ ବି ତୋର ମାମା ।”

ଏତିକି ଶୁଣି ଲିପିର ଆଖି ଲୁହ ଛଳଛଳ ହୋଇ ଆସୁଥିଲା । ଆଉ ପୁଅ ଦୁଇଜଣଙ୍କ କୋଳରେ ନିଷ୍ପାପ, ନିର୍ବୋଧ ଭାବରେ ବସି ଖେଳୁଥିଲା । ମମତାର ବନ୍ଧନରେ ଦୁହେଁ ବାନ୍ଧି ଦେଉଥିଲେ ପୁଅକୁ ।

ଶକ୍ତିନଗର, ଲିଙ୍କ୍ ରୋଡ୍,
କଟକ - ୧୨

# ଅମୃତମୟୀ



ରମାକାନ୍ତ ଦାଶ

ସେଦିନ ସକାଳୁ ଉଠିବାରେ ମହେନ୍ଦ୍ରର ଡେରି ହୋଇଯାଇଥିଲା । ସେ ଉଠିଲା ବେଳକୁ ଝରକା ଦେଇ ଖରା ଆସି ପଡ଼ିଲାଣି ତା ଖଟ ଉପରେ । ଗତ ରାତିରେ ସେ ଡେରିରେ ଶୋଇଥିଲା । ସେଇଥିପାଇଁ ବୋଧହୁଏ ଉଠିବାରେ ଏତେ ବିଳମ୍ବ ହୋଇଗଲା ।

ଖରାଦିନ ହେତୁ ସକାଳର ଖରା ବି ଏତେ ଟାଣ ଲାଗୁଛି । ମନେ ମନେ ଭାବିଲା ମହେନ୍ଦ୍ର ଓ ଅଳସ ଭାଙ୍ଗି ନିତ୍ୟକର୍ମ ସାରିବା ଲାଗି ତତ୍ପର ହେଲା । ଦଶଟା ସୁଦ୍ଧା ତାକୁ ବସଷ୍ଟାଣ୍ଡରେ ପହଞ୍ଚିବାକୁ ହେବ ସଂଜ୍ଞାକୁ ରିସିଭ କରିବାପାଇଁ । ସଂଜ୍ଞା ତା ସାଙ୍ଗ ରମେଶର ଭଉଣୀ । କାଲି ଗୋଟେ ପରୀକ୍ଷା ଦେବାପାଇଁ ଭୁବନେଶ୍ୱର ଆସୁଛି । ତେଣୁ ରମେଶ ତାକୁ ଫୋନ୍ କରି କହିଥିଲା । ଟିକେ ତାକୁ ସାହାଯ୍ୟ କରିବା ପାଇଁ । ସେ ତା କଥା ଭାଙ୍ଗିପାରିନଥିଲା ।

ବାଥରୁମରୁ ଫେରି ଘଣ୍ଟା ଦେଖିଲା ମହେନ୍ଦ୍ର ସାଢ଼େ ନଅଟା ବାଜିଲାଣି । ବସଷ୍ଟାଣ୍ଡରେ ପହଞ୍ଚିବାକୁ ଅନ୍ୟୂନ ଅଧଘଣ୍ଟା ସମୟ ତ ଲାଗିଯିବ ନିଶ୍ଚୟ । ତରବରରେ ସାର୍ଟ ପ୍ୟାଣ୍ଟ ଗଳାଇ ବାହାରିଗଲା । ମୁଣ୍ଡବି ଠିକ ସେ କୁଣ୍ଡେଇବାକୁ ସମୟ ପାଇଲାନି । ଖଟ ଉପରେ ଓଦା

ଗାମୁଚ୍ଛା ସେମିତ ପଡ଼ିଥିଲା ।

ସେ ବସଷ୍ଟାଣ୍ଡରେ ପହଞ୍ଚିଲା ବେଳକୁ ସଂଜ୍ଞା ଆସୁଥିବା ବସ୍ ଆହୁରି ପହଞ୍ଚିନଥିଲା । ଓଃ ରକ୍ଷା ହେଲା । ମନେ ମନେ ଭାବିଲା ମହେନ୍ଦ୍ର । ନଚେତ୍ ତା ଡେରିରେ ପହଞ୍ଚିବାକୁ ତାର ଦାୟିତ୍ୱହୀନତା ବୋଲି ସଂଜ୍ଞା ଭାବିଥାନ୍ତା ହୁଏତ ।

ଦଶ ପନ୍ଦର ମିନିଟ୍ ପରେ ସଂଜ୍ଞାର ବସ ପହଞ୍ଚିଲା ଷ୍ଟାଣ୍ଡରେ । ସବାଶେଷରେ ଓହ୍ଲାଇଲା ସଂଜ୍ଞା । ପିନ୍ଧିଥିଲା ହଳଦିଆ ରଙ୍ଗର ସାଲୁଆର୍ କାମିଜ୍, ଯାହା ତା ଶ୍ୟାମଳ ଦେହକୁ ବେଶ୍ ମାନୁଥିଲା । ତା ଉପରେ ଧଳା ଓଢ଼ଣୀ ପକେଇ ଥିଲା ସଂଜ୍ଞା । ଲମ୍ବା ବାଳକୁ ବେଣୀ କରି ପଛକୁ ଛାଟି ଦେଇଥିଲା । ଏମିତରେ ଖୁବ୍ ସାଧାସିଧା ଓ ସୁନ୍ଦର ଲାଗୁଥିଲା । ମହେନ୍ଦ୍ରକୁ ଦେଖି ନମସ୍କାର କଲା ସେ । ତା ହାତରୁ ବ୍ୟାଗ ନେଇ ବାଇକରେ ରଖୁ ରଖୁ ପଚାରିଲା ମହେନ୍ଦ୍ର -

- ପରୀକ୍ଷା କୋଉଠି ଅଛି ? କେତେବେଳେ ?

- ବାଣୀ ବିହାରରେ ଅଛି, ଏଗାରଟା ବେଳେ ଆରମ୍ଭ ହେବ । ସାଢ଼େ ଗୋଟାଏ ସୁଦ୍ଧା ସରିବ ।

- କି ପରୀକ୍ଷା ? ପଚାରିଲା ମହେନ୍ଦ୍ର ।

ଓଟିଇଟି ପରୀକ୍ଷା । ଏବେ ଶିକ୍ଷକତା କରିବାପାଇଁ ଏଇଟା ପାଶ୍ କରିବା ଜରୁରୀ । କହିଲା ସଂଜ୍ଞା ।

ମହେନ୍ଦ୍ର ଜାଣିଥିଲା ସଂଜ୍ଞା ବିଏଡ୍ କରି ଗୋଟେ ପ୍ରାଇଭେଟ୍ ସ୍କୁଲରେ ଦୁଇବର୍ଷ ହେଲା ଚାକିରୀ କରୁଛି । ଏଇଟା ପାସ କଲେ ବୋଧହୁଏ ସରକାରୀ ସ୍କୁଲରେ ଚାକିରୀ ମିଳିଯିବ ।

ବାଣୀବିହାରରେ ପହଞ୍ଚି ମହେନ୍ଦ୍ର ଜାଣିଲା, ସାଇକୋଲୋଜୀ ଡିପାର୍ଟମେଣ୍ଟରେ ପଡ଼ିଛି ସଂଜ୍ଞାର ପରୀକ୍ଷା ସେଣ୍ଟର । ତାକୁ ସେଇଠି ଛାଡ଼ିଦେବା ପରେ ତା ପାଖରେ ଆଉ କିଛି କାମ ନଥିଲା । ଦୁଇଘଣ୍ଟା କାଳ ସେଇଠି ଏକୁଟିଆ ଅପେକ୍ଷା କରିବ ଛଡ଼ା । ସକାଳୁ କିଛି ଖାଇନଥିଲା ମହେନ୍ଦ୍ର । ତେଣୁ ପାଣିଟାଙ୍କି ପାଖ ମାର୍କେଟ୍ କମ୍ପ୍ଲେକ୍ସକୁ ଯାଇ ଚା' ବିସ୍କୁଟ୍ କିଛି ଖାଇବାକୁ ଇଚ୍ଛା

କଲା ସେ । ତେବେ ବାଇକକୁ ସେଇଠି ପାର୍କ କରି ଗୃହ ପକେଇ ଦେଇ ଗ୍ଳଲ ଗ୍ଳଲ ଯିବାକୁ ବାହାରିଲା, କାରଣ ଏମିତରେ ସେ କ୍ୟାମ୍ପସ ଭିତର ବୁଲି ଦେଖିପାରିବ ଆଉ ପୁଣିଥରେ ମନେ ପକେଇ ପାରିବ ତା'ର ଏଇ କ୍ୟାମ୍ପସରେ ବିତିଥିବା ଅଭୁଲା ସ୍ମୃତି ସବୁକୁ ।

ଏ ଭିତରେ ଅନେକ ବଦଳି ଗଲା ପରେ ମନେ ହେଉଛି ବାଣୀବିହାର କ୍ୟାମ୍ପସ । ଅବଶ୍ୟ ସବୁ ପୁରୁଣା ସ୍ଥାନ ସେମିତି ଅଛି, ହେଲେ ସବୁ ଯେମିତି ନୂଆ ରୂପରେ ସଜେଇ ହୋଇପଡ଼ିଛନ୍ତି ଭଳି ମନେ ହେଉଛି । ପୁରୁଣା ବିଲ୍ଡ଼ିଂ ସବୁ ରଙ୍ଗ ହୋଇ ନୂଆ ଦିଶୁଛନ୍ତି । ସବୁଠି ସବୁଜ ସବୁଜ ବଗିଚା ସୃଷ୍ଟି କରାଯାଇଛି । କିନ୍ତୁ ଏତେ ସବୁ ଭିତରେ କ୍ୟାମ୍ପସଟା କାହିଁକି ଚଳଚଞ୍ଚଳ ଲାଗୁନି, କେମିତି ଗୋଟେ ପ୍ରାଣହୀନ ମନେ ହେଉଛି ତାକୁ । କିନ୍ତୁ କାହିଁକି ? ହୁଏତ ମହେନ୍ଦ୍ର ମନେ ମନେ ଆଉ କାହାକୁ ଖୋଜୁଛି ହେଲେ ପାଉନି ! କିଏ ଖୋଜୁଛି ସେ ? ନିଜକୁ ନିଜେ ପ୍ରଶ୍ନ କରୁଛି ସେ । ଶୁଭଶ୍ରୀ କଥା ମନେ ପଡୁନି ତ ଆଉ ? ସେହି ଶୁଭଶ୍ରୀ ମିଶ୍ର, ଯାହାର ଉପସ୍ଥିତିରେ ତାକୁ ସବୁକିଛି ଅଲଗା ଅଲଗା ସବୁଜ ସୁନ୍ଦର ଲାଗୁଥିଲା ।

ଶୁଭଶ୍ରୀ କଥା ଭାବୁ ଭାବୁ କାହିଁ କେତେ ବର୍ଷ ତଳକୁ ଫେରିଯାଇଥିଲା ମହେନ୍ଦ୍ର । ସେ ଥିଲା ପ୍ରାଣୀ ବିଭାଗର ଛାତ୍ର ଆଉ ଶୁଭଶ୍ରୀ ଉଦ୍ଭିଦ ବିଜ୍ଞାନର । ଦୁଇଜଣଙ୍କ ବିଷୟ ଅଲଗା ହେଲେ ସୁଦ୍ଧା ଡିପାର୍ଟମେଣ୍ଟ ପାଖାପାଖି । ତେଣୁ ଅଧିକାଂଶ ସମୟ ଦେଖାହୁଏ ଶୁଭଶ୍ରୀ ସହ । ଅବଶ୍ୟ ସେତେବେଳେ ସେମାନଙ୍କର ପରିଚୟ ହୋଇନଥିଲା ।

ପରିଜା ଲାଇବ୍ରେରୀ ପାଖଦେଇ ଗଲାବେଳେ ମନେ ପଡ଼ିଗଲା, ଶୁଭଶ୍ରୀ ସହ ତାର ପ୍ରଥମ ପରିଚୟ କଥା । ସେଇଦିନ ଲାଇବ୍ରେରୀ ଯାଇଥିଲା ସେ, ବିଶ୍ୱବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେବାପାଇଁ ଗୋଟେ ବହି ଆଣିବା ପାଇଁ । ବହିଟିକୁ ଖୋଜି ହାତରେ ଧରିଛି ସେ, ଏତିକି ବେଳେ ଶୁଭଶ୍ରୀ ପାଖକୁ ଆସି କହିଲା - ଦୟାକରି ସେ ବହିଟା ମୋତେ ଦେଇ ପାରିବେ, କାଲିର ଡିବେଟ୍ ପାଇଁ ଦରକାର୍ ଅଛି । ଏତିକି କହି ତା ଉତ୍ତରକୁ ଅପେକ୍ଷା

କରି ରହିଲା ଶୁଭଶ୍ରୀ ।

କେଜାଣି କାହିଁକି ଯନ୍ତ୍ରବତ ମହେନ୍ଦ୍ରର ହାତ ବଢ଼ିଯାଇଥିଲା ଶୁଭଶ୍ରୀ ଆଡ଼କୁ ସେ ବହିଟି ସହ । ତାକୁ ଧନ୍ୟବାଦ ଦେଇ ଶୁଭଶ୍ରୀ ସେଠାରୁ ଚାଲିଯାଇଥିଲା ।

ପରଦିନ ଅବଶ୍ୟ ଡିବେଟରେ ଭାଗ ନେଇନଥିଲା ମହେନ୍ଦ୍ର । କିନ୍ତୁ ଅଡିଟୋରିୟମ୍ ଯାଇଥିଲା ଶୁଭଶ୍ରୀର ବକ୍ତୃତା ଶୁଣିବାପାଇଁ । ଆଶ୍ଚର୍ଯ୍ୟ ହୋଇଯାଇଥିଲା ସେ ଶୁଭଶ୍ରୀର ବୁଦ୍ଧିମତା, ସାହାସ ଓ ଇଂରେଜୀର ଶୁଦ୍ଧ ଉଚ୍ଚାରଣ ଦେଖି । ପୁରା ଅଡିଟୋରିୟମ୍ କମ୍ପୁଥିଲା, ପିଲାମାନଙ୍କ ତାଳି ମାଡ଼ରେ । ସେଦିନ ଶୁଭଶ୍ରୀ ପ୍ରଥମ ହୋଇଥିଲା ଡିବେଟରେ ।

ଫେରିବା ବାଟରେ ତାକୁ ଦେଖି ପାଖକୁ ଆସିଥିଲା ଶୁଭଶ୍ରୀ । କହିଲା - ତୁମକୁ ଆଉଥରେ ଧନ୍ୟବାଦ । କାରଣ କାଲି ଯଦି ତୁମେ ମୋତେ ସେ ବହିଟି ଦେଇନଥାନ୍ତ, ମୁଁ ଆଜି ଗୋଟେ ବି ବାକ୍ୟ କହି ପାରିନଥାନ୍ତି ।

କେମିତି କୃତକୃତ୍ୟ ହୋଇଯାଇଥିଲା ମହେନ୍ଦ୍ର ଶୁଭଶ୍ରୀ କଥାରେ । ସେମାନେ ସେମିତି ଚାଲି ଚାଲି ଯାଇଥିଲେ ଏଲଏଚ୍ ଯାଏଁ ଆହୁରି ଅନେକ କିଛି ଗପି ଗପି ।

ଚାଲୁ ଚାଲୁ ପାଣିଟାଙ୍କି ପାଖରେ ପହଞ୍ଚିଯାଇଥିଲା ମହେନ୍ଦ୍ର । ସେଇଠୁ ଡାହାଣ ମୋଡ଼ ନେଲେ ଏଲଏଚ୍ । ସାମନାରେ ଧାଡ଼ି ଧାଡ଼ି ବଉଳ ଗଛ । ବଉଳ ଗଛ ଛାଇରେ କିଛି ପୁଅଝିଅ ଗପରେ ମାତିଥିଲେ । ଆଇସକ୍ରିମ ବାଲାଠୁ ଆଇସକ୍ରିମ୍ କିଣି ଖାଉଥିଲେ । ମହେନ୍ଦ୍ର ବି ଏମିତି ଅନେକ ଥର ଆସିଛି ଏଲଏଚ୍, ଶୁଭଶ୍ରୀ ସହ ଦେଖା କରିବାକୁ । ଏମିତି ଗଛତଳେ ଛିଡ଼ା ହୋଇ କେତେ ଚାଟ୍, ଗୁପଚୁପ୍ ଓ ଆଇସକ୍ରିମ୍ ଖାଇଛନ୍ତି ସେମାନେ । ମଉଜ ମସ୍ତି ଭିତରେ କେତେ ଶୀଘ୍ର ଯେ ଦୁଇବର୍ଷ ଚାଲିଗଲା, ଜଣାପଡ଼ିନଥିଲା କିଛି ।

ପିଜି ପରୀକ୍ଷା ସରିଯାଇଥିଲା । ଅଳ୍ପଦିନ ଭିତରେ ହଷ୍ଟେଲ୍ ଛାଡ଼ି ଯିଏ ଯୁଆଡ଼େ ଯିବାର ଥିଲା, ସେଦିନ ସନ୍ଧ୍ୟାରେ ବେଶ ଡେରୀଯାଏଁ ମହେନ୍ଦ୍ର ପାଖରେ ବସିଥିଲା ଶୁଭଶ୍ରୀ । ତାର

କୋମଳ ହାତକୁ ନିଜ ହାତ ମୁଠାରେ ଜାବୁଡ଼ି ଧରିଥିଲା ମହେନ୍ଦ୍ର । ନିରବରେ କଟି ଯାଇଥିଲା ଅନେକ ମୁହୂର୍ତ୍ତ । ସେଇ ନିରବତାକୁ ଭାଙ୍ଗିଦେଇ ପଚାରିଲା ମହେନ୍ଦ୍ର - ଯା ପରେ କଣ ହେବ ଶୁଭଶ୍ରୀ ?

- ମୁଁ ଜାଣେନି । ଶୁଭଶ୍ରୀ କହିଲା ।

- କିଛିଦିନ ଅପେକ୍ଷା କରିପାରିବନି ତମେ ?

ନିରବରେ ତଳକୁ ମୁହଁ ପୋତିଲା ଶୁଭଶ୍ରୀ । ମହେନ୍ଦ୍ର ତାକୁ ପାଖକୁ ଭିଡ଼ି ଧରିଲା । ତା ବେକମୂଳରେ ଚୁମା ଦେଲା । ଅନ୍ୟଦିନ ପରେ ଗୁଡ଼ ବୋଲି କହି ଦୂରକୁ ଗଲାନି ଶୁଭଶ୍ରୀ ।

ପିଜି ପରେ ଅନେକ ଚେଷ୍ଟା କରିଥିଲା ମହେନ୍ଦ୍ର ଶୁଭଶ୍ରୀ ସହ ଯୋଗାଯୋଗ କରିବାପାଇଁ । କିନ୍ତୁ ହେଲାନି । କିଛିଦିନ ପରେ ସେ ଶୁଣିବାକୁ ପାଇଲା ଶୁଭଶ୍ରୀର ବାହାଘର ହୋଇଯାଇଛି । ସ୍ୱାମୀ ତାର ସଫ୍‌ଟୱେର୍ ଇଞ୍ଜିନିୟର୍ । ସିଙ୍ଗାପୁରରେ ପୋଷ୍ଟିଂ । ସ୍ୱାମୀ ସହିତ ଏବେ ସେଇଠି ଅଛି ଶୁଭଶ୍ରୀ ।

ଏକଥା ଶୁଣି ଖୁବ୍ ଆଘାତ ପାଇଥିଲା ମହେନ୍ଦ୍ର । କିଛି ନହେଲେ ବି ତ ଶୁଭଶ୍ରୀ ତାକୁ ଅନ୍ତତଃ ଥରେ ଜଣାଇ ଦେଇଥାନ୍ତା । ଯା ପରଠୁ ଦୁନିଆର ସବୁ ଝିଅମାନଙ୍କ ଉପରୁ ବିଶ୍ୱାସ ତୁଟି ଯାଇଛି ମହେନ୍ଦ୍ରର । ତା ମତରେ ଝିଅ ଗୁଡ଼ାକ ଖୁବ୍ ସ୍ୱାର୍ଥପର, ମତଲବୀ । ସେମାନେ କେବଳ ସେଇମାନଙ୍କୁ ଭଲ ପାଆନ୍ତି, ଯାହାଠୁ ସେମାନଙ୍କର କିଛି ହାସଲ କରିବାର ଥିବ । ତା ପକ୍ଷେ ଏବେ କଣ ଅଛି ଯେ ଶୁଭଶ୍ରୀ ତାକୁ ଜୀବନସାଥୀ କରିଥାନ୍ତା ? ପ୍ରାଇଭେଟ୍ କଲେଜରେ ଅଧ୍ୟାପକ ଚାକିରୀ, ତା ପୁଣି ଥାର୍ଡ୍ ପୋଷ୍ଟ । ଫାଷ୍ଟ ପୋଷ୍ଟ ଏବେ ଗ୍ରାଣ୍ଟ ପାଇଲା, ତା ପାଳି କେବେ ପଡ଼ିବ ତାହା ଭଗବାନଙ୍କୁ ଜଣା । ତେଣୁ ଶୁଭଶ୍ରୀ ଯାହା କରିଛି ହୁଏତ ଠିକ୍ କରିଛି । କିନ୍ତୁ ମହେନ୍ଦ୍ର ତା ଜୀବନରେ ଆଉ କୋଉ ଝିଅକୁ ବିଶ୍ୱାସ କରି ତା ସହିତ ଜୀବନ ବିତେଇ ପାରିବ ? ଏ ବିଶ୍ୱାସ ତାର ତୁଟି ଯାଇଛି ଅନେକ ଦିନରୁ ।

ସଂଜ୍ଞାର ପରୀକ୍ଷା ସରଲା ଗୋଟାଏ ବେଳେ । ଫେରଲା ବେଳକୁ ଆଉ ପନ୍ଦର ମିନଟ୍ । ଦୁହେଁ ମିଶି ବାହାରି ଆସିଲେ ବାଣୀବହାର କ୍ୟାମ୍ପସରୁ । ରସୁଲଗଡ଼ ପାଖରେ ଗୋଟେ ଏକ ବଖରିଆ ଘର ଭଡ଼ା ନେଇ ରହୁଛି ମହେନ୍ଦ୍ର । ବାଟରେ ଗୋଟିଏ ହୋଟେଲରେ ଖାଇଦେଇ ଦୁହେଁ ଫେରଲେ ତା ଘରକୁ । ଅପରାହ୍ଣ ପାଞ୍ଚଟାରେ ସଂଜ୍ଞାର ଫେରିବା ବସ । ତେଣୁ ସେ ପର୍ଯ୍ୟନ୍ତ ସେ ଟିକେ ଆରାମ୍ କରିପାରିବ ତା ଘରେ ।

ଆଜକାଲି ଭୁବନେଶ୍ୱରରେ ଖରା ଭାରି ଜୋର୍ । ସଂଜ୍ଞାକୁ ତା ଘରେ ଛାଡ଼ିଦେଇ ମହେନ୍ଦ୍ର ବାହାରିଗଲା ପାଖ ଦୋକାନରୁ କୋଲ୍ଡ ଡ୍ରିଙ୍କ କିଛି ଆଣିବାପାଇଁ । କିଛି ସମୟ ପରେ ଫେରିଲା ସେ, କିନ୍ତୁ ଫେରି ଆସି ଯାହା ଦେଖିଲା ସେଥିରେ ସେ ଆଶ୍ଚର୍ଯ୍ୟ ହୋଇଗଲା । ଅବିଶ୍ୱାସ ଲାଗୁଥିଲା । ଏଇ ଅଳ୍ପ ସମୟ ଭିତରେ ସତେ ଯେମିତି ତା ଘରର ନକ୍ସା କିଏ ବଦଳାଇ ଦେଇଥିଲା । ଏଇ ଦଶ ପନ୍ଦର ମିନଟ୍ ଭିତରେ ତା ଅସ୍ତବ୍ୟସ୍ତ ଘରକୁ ଭଲ ଭାବରେ ସଜେଇ ଦେଇଥିଲା ସଂଜ୍ଞା । ଅନେକ ଦିନରୁ ଏହି ଘରକୁ କେହି ଆସିନଥିଲେ, କୋଉଠି କେଉଁ ଜିନିଷ ପଡ଼ିଥିଲା ତାହା ମହେନ୍ଦ୍ର ବି ଭଲ ଭାବରେ ଜାଣିନଥିଲା ।

ମହେନ୍ଦ୍ର ଶୁଣିଥିଲା ନାରୀମାନେ ଅମୃତମୟୀ, ସେମାନଙ୍କ ହାତର ସ୍ପର୍ଶରେ ଗୋଟେ ଯାଦୁ ଥାଏ । ଯାହା ଭାଙ୍ଗିଯାଇଥିବା ଜିନିଷକୁ ଯୋଡ଼ିଦେଇ ପାରେ । ଉଜୁଡ଼ି ଯାଇଥିବା ଜୀବନକୁ ସଜାଡ଼ି ଦେଇପାରେ । ଆଜି କାହିଁକି ଏ କଥାଟାର ସତ୍ୟତା ସେ ଭଲ କରି ଉପଲବ୍ଧି କରି ପାରୁଥିଲା ।

ନାରୀର ଗୋଟିଏ ରୂପ ସେ ଦେଖିଥିଲା ଶୁଭଶ୍ରୀ ପାଖରେ, ଆଜି ଆଉ ଗୋଟେ ରୂପ ସେ ଦେଖୁଛି ସଂଜ୍ଞା ଭିତରେ । ମହେନ୍ଦ୍ର ଭାବୁଥିଲା, ଖାଲି ଘର ନୁହେଁ, ଏ ଭିତରେ ଜୀବନଟା ବି ଖୁବ୍ ଅସଜଡ଼ା ହୋଇ ପଡ଼ିଛି । ହୁଏତ ସଂଜ୍ଞାପରି କେହିଜଣେ ତା ଜୀବନକୁ ସଜାଡ଼ି ଦେଇପାରେ ! !

# ତୁମ ବିନା ମୁଁ



ସୁଶ୍ରୀ ଜୟଶ୍ରୀ ଜେନା

ତୁମ ବିନା ମୁଁ
କଟ୍ କଟ୍ ଅନ୍ଧାରୀ ରାତିର
ଅମାବାସ୍ୟାର ଜହ୍ନ
ନା ଆଲୁଅ ଥାଏ, ନା ଜୋଛନା
ନା କାହାକୁ ପାଇବାର ସ୍ୱପ୍ନ ।

ତୁମ ବିନା ମୁଁ
ବସ୍ତାଶତ ସୁଦୀର୍ଘ ରାସ୍ତାରେ
ଲକ୍ଷ୍ୟହୀନ ଯାତ୍ରୀଟିଏ
ଘୁରିବୁଲୁଥାଏ ଠିକ୍ ଯେମିତ
ଅତୃପ୍ତ ଅଶରୀରୀଟିଏ ।

ତୁମ ବିନା ମୁଁ,
ପତ୍ରଝଡ଼ ଦେଇ ଛିଡ଼ା ହୋଇଥିବା
ଶ୍ରୀହୀନ ବୃକ୍ଷଟିଏ
ଯିଏ ପୁଣି କଅଁଳିବାର ସ୍ୱପ୍ନନେଇ
ମୃତପ୍ରାୟ ବଞ୍ଚିଥାଏ ।

ତୁମବନା ମୁଁ,
ନୂପୁର ବହୀନ ଶୂନ୍ୟ
ପୁଙ୍ଗୁଳା ପାଦଟିଏ,
ଗ୍ଭଲ ଗ୍ଭଲ ରକ୍ତାକ୍ତ ହୁଏ
ହେଲେ ଲ୍‌ଗେନ ଅଳତାର ଗାରଟିଏ ।

ତୁମ ବନା ମୁଁ,
ଅସ୍ଥିହୀନ ମାଂସ ପିଣ୍ଡୁଳାର
ଅସମ୍ପୂର୍ଣ୍ଣ ମଣିଷ ଟିଏ
ଯିଏ ଅସ୍ଥିତ୍ୱ ରଖେ ମଣିଷର
ହେଲେ ତା' ଆକାର ନଥାଏ ।

ତୁମ ବନା ମୁଁ,
ଭ୍ରମ ସୃଷ୍ଟିକାରୀ ମରୁଭୂମି
ମୃଗତୃଷ୍ଣାଟିଏ
ପତ୍ରଟିଏ ନ କଅଁଳ ଯେଉଁଠି
କଣ୍ଟାର ରୂପ ନଏ ।

ତୁମ ବନା ମୁଁ,
ସଂଜ୍ଞା ବହୀନ ଅସଜଡ଼ା
ଅବୁଝା ଶବ୍ଦଟିଏ
ପୂର୍ଣ୍ଣତାର ଆଶାରେ ଆଶାୟୀ
ଅସମ୍ପୂର୍ଣ୍ଣା ନାରୀଟିଏ ।

ସ୍ନାତ୍ତକୋତ୍ତର ଫାର୍ମାସୀ ଛାତ୍ରୀ, ରୋଲାଣ୍ଡ ଫାର୍ମାସୀ କଲେଜ,
ବ୍ରହ୍ମପୁର, ଓଡ଼ିଶା ୭୬୦୦୧୦

# ଲଣ୍ଠନ



ମାଧବ ଚନ୍ଦ୍ର ଜେନା

ଏ ଯୁଗ ବଦଳବା ଆଗରୁ
ମୋ ନଶ୍ୱାସର ଅହଂକାର
ଜଳଯିବା ଆଗରୁ,
ମତେ ଜାଳ ଜାଳ ପୁର୍ ଜଳେଇଦଅ,
ଆଉ ତମ
ବାକ ହସାବ ତକ
ଅସୁଲ କର ନଅ ।
କାରଣ କାଲ ତମ ପାଇଁ ମୁଁ ଏକ
ତକ୍ତ ଇତହାସ,
ତମ ଆଧୁନକ ଜୀବନରେ
ଏ ଲଂଠନ ଏକ ବେକାର ଜନଷ ।

ଇଶାଣପୁର, ଯାଜପୁର, ଓଡ଼ିଶା - ୭୫୫୦୦୫
ଦୂରଭାଷ - ୭୭୫୪୫୯୨୫୭୩

# ସାବତ୍ରୀ



ହମାଂଶୁ ଶେଖର ବାରକ୍

ପରମ ପବତ୍ର ଅମାବାସ୍ୟା ତଥି
ପୂଜତ ହୋଇଥାନ୍ତି ସାବତ୍ରୀ ସତୀ (୧)
ବଟ ସାବତ୍ରୀ ପଦେ ସୁମନ ଦେଇ
ସଧବା ମାଗେ ଆୟୁଷ ନଜ ପତ ପାଇଁ (୨)
କରଇ ସ୍ମରଣ ସତୀର ସୁଗୁଣ
ଛଡ଼ାଇଲେ କାଳ ଠାରୁ ପତ ପ୍ରାଣ (୩)
ଯେଉଁ ଶକ୍ତି ବଳେ ସାବତ୍ରୀ ପୂଜତ
ସେହଶକ୍ତି ପ୍ରତ ନାରୀ ଠାରେ ସ୍ଥିତ (୪)
ଜଗାଇବ ଯଦ ସିଏ ମହାଜ୍ୟୋତ
ପରଭବ ହେବ କାଳ ତାର କତ (୫)
ନାରୀ ନର୍ଯ୍ୟାତନା ଶୋଷଣ କଷଣ
ଯିବ ଅପସର ସମସ୍ତ ଦୂଷଣ (୬)
ଫେର ପାଇବ ସେ ମାତୃତ୍ୱର ସ୍ଥାନ
ମଥାନତ ମଧ କରବ ଦୁର୍ଜନ (୭)
ଦୁର୍ଗତ ନାଶିନୀ ମା ସିଂହବାହନୀ
କରୁଛ ବନତ ଜଗତ ଜନନୀ (୮)
ନାରୀ ଶକ୍ତି ଜାଗ୍ରତ କରଅ ମାତ
ଅସତରୁ କାଢ଼ି ନଅ ସତ ପଥ (୯)
ସମାଜ ବୁଝିବ ନାରୀର ମହତ୍ୱ
ନାରୀହେବ ଜ୍ଞାତସତୀର ଗୁରୁତ୍ୱ (୧୦)

ବରଷ୍ଠ ଅଡ଼ିଟ୍ ଅଧିକାରୀ,
କ୍ୱାର୍ଟର ନଂ - ଟାଇପ୍ ୩, ୨୦୧, ନୂଆ ଏଜ କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର ୭୫୧୦୧୨, ଓଡ଼ିଶା
ଫୋନ୍ : ୯୯୩୭୨୨୫୮୪୨ / ୯୪୩୭୩୧୭୦୧
ଇମେଲ୍ - hsbarik1970@gmail.com

# ଇଚ୍ଛା



ଜ୍ୟୋର୍ତିମୟୀ ଷଡ଼ଙ୍ଗୀ

ଇଚ୍ଛା ହୁଏ ବସନ୍ତରେ ଉଡ଼ି ବୁଲିବାକୁ,
ମହୁମାଛି ହୋଇ ଫୁଲେ ମହୁ ପିଇବାକୁ,
ଏ ଫୁଲରୁ ସେ ଫୁଲକୁ ଘୁରି ବୁଲୁଥିବ,
ମହୁପିଇ ଆକାଶେ ଉଡ଼ି ଚାଲିଯିବ ।

ଇଚ୍ଛା ଏକ ଚଳୟିତା ଖରସ୍ରୋତା ନଇ
ଥରେ ଛୁଇଁଲେ ମନକୁ ବୋଲ ମାନେ ନାହିଁ
ତା ସ୍ପର୍ଶ ପାଇଲେ ମନ ହୁଏ ଆନମନା
ମନ ଆଖି ଖୋଜେ ନିତ କାଚର ଆଇନା ।

ଇଚ୍ଛା ଆସେ ହୃଦୟକୁ କେତେ ରଙ୍ଗର ପସରା ନେଇ
ତା ରୂପ ରଙ୍ଗକୁ କେବେ ଦେଖିହୁଏ ନାହିଁ
ଆସଇ ସେ ମନ ବନେ ପକ୍ଷୀରାଜ ଘୋଡ଼ା ଚଢ଼ି
ପ୍ରେମିକର ସରଳ ମନେ ଫୁଟାଏ ନୂଆ ଫୁଲ କଢ଼ି ।

ଇଚ୍ଛା ଏକ  ଅମାନିଆ ପାହାଡ଼ି ଝରଣା
ଯାହାର ନଥାଏ କିଛି କୂଳ କି ଠିକଣା
ଠିକଣା ଅଟେ ତାର ପ୍ରେମିକ ମନର ଅଗଣା
ସେ ଅଗଣାରେ ଖେଳେ କେତ ନୂଆ ଆବେଗର ଖେଳଣା  ।

ଇଚ୍ଛା ଏକ ଅସରନ୍ତି କୁହୁକ ଭଣ୍ଡାର
ତା କୁହୁକ ଛୁଆଁରେ ମନ ହୁଏ ଅଚଳ ଅସ୍ଥିର
ଇଚ୍ଛାର ନଥାଏ କେବେ ଆରମ୍ଭ ବା ଶେଷ
ପୂରଣ ନ ହେଲେ ମନେ ରହିଯାଏ ଅବଶୋଷ  ।

ଶରଧା ବାଲି,ବ୍ରହ୍ମପୁର – ୧୦

# ମୁଁ ଜଣେ ଶ୍ରମିକ



ଅନାମ ଚରଣ ସାହୁ

ମୁଁ ଜଣେ ଶ୍ରମିକ ଭରଛି ମହକ
ନବନିର୍ମାଣର ଧାରେ
ନୂଆ ନୂଆ କେତେ କିରମାନ କାମେ
ମୋର ନିତଦିନ ସରେ ।
ପୂର୍ଣ୍ଣଗର୍ଭା ଏଇ ଧରିତ୍ରୀ ବକ୍ଷରେ
ମୋର ଏହି ହାତ ବାଜ
ସୌନ୍ଦର୍ଯ୍ୟ ପିପାସୁ ନରନୟନରେ
ଭରିଅଛି ଦୃଶ୍ୟରାଜ ।
ମୋର ବୁଦ୍ଧିବଳେ ଜ୍ଞାନ କଉଶଳେ
ଶିଳାରେ ଜୀବନ ଭରି
ସୌନ୍ଦର୍ଯ୍ୟଶାଳିନୀ ମନ୍ଦିର ଗଢ଼ିଛି
କେହି ନୁହେଁ ତାର ସରି ।
କେତେ ରାସ୍ତା ଘାଟ ନଦୀବନ୍ଧ ବାଡ଼
ସୁଉଚ୍ଚ ପ୍ରାସାଦ ମାନ
ମୋ କର ସ୍ପର୍ଶରେ ହୋଇଛନ୍ତି ସୃଷ୍ଟି

ସବୁତ ମୋହର ଦାନ ।
ନୀରସ ଜୀବନେ ଆନନ୍ଦ ଭରଇ
ନବଦୃଶ୍ୟପଟ ଦେଇ
ନବ ଉନ୍ମାଦନା ଭରଇଦଏ ମନେ
କରମର ଜୟ ଗାଇ ।
କରମ ମୁଖର ମୋର ଜୀବନରେ
ବିଶ୍ରାମର ନାହିଁ ସ୍ଥାନ
ସଭିଙ୍କ ମୁହଁରେ ଆନନ୍ଦ ବାଣ୍ଟିବା
କୁହେ ମୋ ସରଳ ଜ୍ଞାନ ।
ଜୀବନେ ମୋହର ନାହିଁ ପରାଜୟ
ବିଜୟ ମୋହର ଦାସ
ସ୍ରଷ୍ଟା ଅଟେ ମୁହିଁ ସୃଷ୍ଟି କରୁଥାଇ
ସଂସାରେ ଖେଳାଇ ହସ ।

ବିଭୁତିପୁର, କାକଟପୁର, ପୁରୀ
ଦୂରଭାଷ : ୯୯୩୭୨୧୦୨୭୦

# ଅବତରି ଆସ ଥରେ



ଅନାମ ଚରଣ ସାହୁ

ପୂଣ୍ୟ ଉତ୍କଳର ଦିବଂଗତ ବୀର
ଆମ ପ୍ରିୟ ମଧୁବାବୁ,
ଘେନିକରି ଆମ ଶୁଭେଚ୍ଛା ଅପାର
କୂଳବୃଦ୍ଧି ଦିଅ ବିଭୁ ।
ତୁମ ଚଲାପଥ ଯାଇଛୁ ପାଶୋରି
ପାଶ୍ଚାତ୍ୟେ ନିଜର କରି
ଓଡ଼ିଆ ଭାଷାକୁ ଭୁଲି ଯାଇଅଛୁ
ଇଂରେଜୀ ତୁଣ୍ଡରେ ଧରି ।
ନିଜ ସ୍ୱାଭିମାନ ଦେଇଅଛୁ ବଳି
ବିଦେଶୀ ଅମଲ୍ ପାଶେ
ଇଂରେଜୀ ଭାଷାରେ କରୁଛୁ ଶାସନ
ଦେଖି ମାଟି ମାଆ ହସେ ।
ଖଣ୍ଡ ବିଖଣ୍ଡିତ ଓଡ଼ିଶା ସାମ୍ରାଜ୍ୟ
ହୃଦୟୁ ହେଲାଣି ଦୂର
କୁଜ ଟାଉଟର ପ୍ରବଳ ହେଲେଣି
ଦେଖିଲେ ମାଡୁଛି ଡର ।
ଦୂରଦେଶୁ ଥରେ ଫେରି ଆସି ଦେଖ
ଶାସକ ଜାଣେନି ଭାଷା
ମାଆ ମାତୃଭାଷା ହେବ କି ଉନ୍ନତ

କରିକ ପାରିବା ଆଶା ?
ଜାତିର ସଇନ ଯାଇଛନ୍ତି ଶୋଇ
ଜୀବନକୁ କରି ଭୟ
ଅକାଳେ ମରୁଡ଼ି ପଡ଼େ ଏ ରାଇଜେ
ଗୃଷୀକୂଳ ନୁହେଁ ଥୟ ।
କୃଷିକର୍ମଣର ପୁରସ୍କାର ପାଏ
ଆମର ଓଡ଼ିଆ ପୁଅ
ଆତ୍ମହତ୍ୟା କରେ କି କାରଣେ କୁହ
ଏଥିପାଇଁ କିଏ ଦାୟୀ ?
ନିଜ ମୁଖେ ଦାନା ଦେବାକୁ ଓଡ଼ିଆ
ହାତ ପାତେ ପର ପାଶେ,
ତଥାପି କହୁଛୁ ଆମେ ବୀରଜାତି
ଆଗକୁ ଦୁର୍ଦ୍ଦିନ ଦଶେ ।
ନେତା ଓ ନେତୃତ୍ୱ ଜାତି ନନ୍ଦିଘୋଷ
ଟାଣିବା ବାହାନା କରି
ଆର୍ଥିକ ଶୋଷଣ କରନ୍ତି ରାଇଜେ
ସ୍ୱାର୍ଥର ରଜ୍ଜୁକୁ ଧରି ।
ମାତା ପଦଚିହ୍ନ ଲୋଡ଼ାନାହିଁ ଆଉ
ସମୟକୁ ନଷ୍ଟ କରି
କାହିଁକି ଖୋଜିବୁ ବଣ ତୋଟା ମାଳ
ନୟନରେ ଅଶ୍ରୁଭରି ।
ଜଗତର ନାଥ କାଳିଆ ସାଆନ୍ତ
ନିଦ୍ରାରେ ଅଛନ୍ତି ଶୋଇ
ତାଙ୍କ ବ୍ରହ୍ମପୁଣି ଚିହ୍ନି ନ ପାରନ୍ତି
ଆମର ଓଡ଼ିଆ ଭାଇ ।

କୁମ୍ଭୀର କାନ୍ଦଣା କାନ୍ଦନ୍ତି ସଭିଏଁ
ପୁଷ୍ଟି ଦେଇ ତୁମ ପାଦେ
ନେତା ଅଫିସର ହରିବେ କୁହନ୍ତି
ବାଣ୍ଟି ନେବା ଅଧେ ଅଧେ ।
ଭଣ୍ଡ ବେଇମାନ ଭଦ୍ର ମୁଖାପିନ୍ଧି
ବୁଣି ତାଙ୍କ ମାୟାଜାଲ
ସରଳ ବିଶ୍ୱାସୀ ଓଡ଼ିଶା ବାସୀଙ୍କୁ
କରୁଛନ୍ତି କଲବଲ ।
ଦିନ ଦ୍ୱିପହରେ ହୁଏ ହରିଲୁଟ
ଆଇନ୍ ବାନ୍ଧିଛି ଆଖି
କଳାବଜାରୀଙ୍କ ଅଟେ ଏ ଭୂସ୍ୱର୍ଗ
ସହ ହୁଏନାହିଁ ଦେଖି ।
ପେଟପାଇଁ ବିକେ ନିଜ ମାଆ ଶିଶୁ
କନ୍ୟାଭ୍ରୂଣ ହୁଏ ହତ୍ୟା
ଦାଦନ ଖଟନ୍ତି ମୋ ରାଇଜ ଜନ
କହୁନାହିଁ ତିଳେ ମିଥ୍ୟା ।
ତେଣୁ ହେ ବିପ୍ଳବୀ ଲଭ ନାହିଁ ଭାବ
ଅବତର ଆସ ଥରେ
ଜଗାଇ ସକଳେ ଫେରାଅ ସ୍ୱକୂଳେ
ନିବେଦନ ଭକ୍ତି ଭରେ ।

ବଭୁତପୁର, କାକଟପୁର, ପୁରୀ
ଦୂରଭାଷ : ୯୯୩୭୨୧୦୨୬୦

# ପ୍ରଭୁଙ୍କ ପାଇଁ ପଦଟିଏ



ଦୀପକ୍ କୁମାର ଷଡ଼ଙ୍ଗୀ

ସବୁ ସୁଖରୁ ବଞ୍ଚିତ କରି
ମୋତେ କରିଛ ହେ ହୀନ
ନିଗିଶାରେ ବଞ୍ଚିଛି ମୁଁ ପ୍ରଭୁ; କିନ୍ତୁ
ଛାଡ଼ିନି ତୁମ ଭଜନକୀର୍ତ୍ତନ ।
ଦୀନଜନଙ୍କର ବନ୍ଧୁ ବୋଲି ପରି
ତୁମକୁ ଜଗତ ବୋଲାଏ,
ତୁମ ନାମ ଗାନ ଶ୍ରବଣ କରି ମୁଁ
ମୋ ଛୋଟ ସଂସାର ଚଲାଏ ।
ଦାରୁ ଦେବତାରୂପେ ପୂଜାପାଅ
ତୁମେ ଏ ସଂସାରରେ
ଭାଇଭଉଣୀଙ୍କ ସାଥିରେ ରହୁଛ
ପ୍ରଭୁ ଅନ୍ଧାର ଗମ୍ଭୀର ଭିତରେ ।
ସବୁ ଜାଣ ବୋଲି ଜଗତ
ବୋଲାଏ ତୁମକୁ ଅନ୍ତର୍ଯ୍ୟାମୀ
ସବୁବେଳେ ସାହା ହୋଇଛ ତୁମେ
ଯେବେ ବି ହୋଇଛି ବିପଥଗାମୀ ।
ଆଶାର ପଶରିରେ ଥାଏ
କିଛି ବଞ୍ଚିବାର କ୍ଷୁଦ୍ର କ୍ଷମତା
ଏତେ ଅଭିମାନ କରି ପୁଣି କାଇଁ
ମୁଁ ଭାବେ ତୁମେ ମୋ ଭାଗ୍ୟବିଧାତା ।
ଜଗତର ନାଥ ତୁମେ
ପ୍ରଭୁ ହେ ଜଗନ୍ନାଥ
ତୁମ ନାମ କୀର୍ତ୍ତନ କରି
ହେଇ ଯାଉ ମୋ ଜୀବନପକ୍ଷୀ ମୁକ୍ତ ।

ଅଧ୍ୟାପକ,
ରୋଲାଣ୍ଡ ଫାର୍ମାସୀ କଲେଜ
ବ୍ରହ୍ମପୁର, ଓଡ଼ିଶା

# ଜଗାର ନିଶ



ଡା ସୌମ୍ୟରଞ୍ଜନ ମିଶ୍ର

ସୁଦର୍ଶନ ରହେ ମୋ ଘର ପାଖରେ । ଆଗରୁ ଅନେକଥର ପରସ୍ପରକୁ ଦେଖୁଛୁ କିନ୍ତୁ କେବେ ମୁଁ ତା ବିଷୟରେ ଜାଣିବାକୁ ଚେଷ୍ଟା କରିନି । ବେସରକାରୀ ଚାକିରୀରେ ତ ନିଜ ପାଇଁ, ନିଜ ପରିବାର ପାଇଁ ପର୍ଯ୍ୟାପ୍ତ ସମୟ ମିଳେନି । ପାଖ ପଡ଼ୋଶୀଙ୍କ କଥା ପଚାରେ କିଏ ? ଅଚାନକ ଦିନେ ପ୍ରାତଃଭ୍ରମଣ ସମୟରେ ଭାଇନା ନମସ୍କାର କହି ପଛରୁ ଡାକିଲା । ଅଗତ୍ୟା ମୋତେ ଅଟକିବାକୁ ପଡ଼ିଲା । ସେଇଠୁ ପରିଚୟ ଓ ଭାବ ବିନିମୟ । ସୁଦର୍ଶନ ମୋଠାରୁ ୫-୬ ବର୍ଷ ସାନ । ଗୋଟିଏ ଏନଜିଓ'ରେ କାମ କରୁଛି । ପ୍ରାତଃ ଭ୍ରମଣ ସମୟରେ ତା ସହ କଥା ହେଲେ ମସ୍ତିଷ୍କର ବି ବ୍ୟାୟାମ ହୋଇଯାଏ ।

ଏହି କିଛିଦିନ ତଳେ ଗୋଟାଏ ଅଦ୍ଭୁତ ପ୍ରଶ୍ନ ପଚାରିଲା ସେ - କହିଲା ଦେଖି ଭାଇନା, ଜଗନ୍ନାଥଙ୍କର କେଉଁ ଅଙ୍ଗ ନାହିଁ ? ଚଟାପଟ ମୁଁ ଉତର ଦେଲି ପାଦ ଆଉ ପାଣି । ମୁରୁକି ହସିଲା ସେ । ମୁଁ ଆହୁରି ଚିନ୍ତା କଲି । ଡାକ୍ତରିଆ ବୁଦ୍ଧିରୁ କହିଲି କିଡ଼ନି, ଲିଭର, ହାର୍ଟ୍ ଆଦି ନଥିବ । କଥାଟାକୁ ଚଟ୍ କରି କାଟିଦେଇ ସେ କହିଲା - ଯେଉଁଗୁଡ଼ା କେହି ଦେଖିନାହାନ୍ତି, ସେ ବିଷୟରେ ପଚାରୁନି । ବାହାରୁ ଦେଖିକି ଯେଉଁଟା ନାହିଁ, ସେଇଟା କୁହ । ବହୁ ସମୟ ଚିନ୍ତା କଲାପରେ ମୁଣ୍ଡକୁ କିଛି ନ ପଶିବାରୁ ତାକୁ କହିଲି - ମୁଁ ପାରିବିନି । ତୁ କହିଦେ । ତା'ର ଉତ୍ତର ଶୁଣି ମୋର ହୋସ ଉଡ଼ିଗଲା । ଅନେକଥର ମୁଁ ପୁରୀ ଯାଇଛି, ଜଗନ୍ନାଥଙ୍କୁ ବହୁତ ପାଖରୁ ଦେଖିବାର ସୌଭାଗ୍ୟ ବି ପାଇଛି, କିନ୍ତୁ କେବେ ଜଗନ୍ନାଥଙ୍କର ନିଶ ନାହିଁ ବୋଲି ଲକ୍ଷ୍ୟ କରିନି । ଆଖିରେ

ଆଖି ମିଶେଇ ଗୁଲ ଆସିଛ ।

ମୋ ପକ୍ଷ ରଖିବାକୁ କହିଲି - ଜଗନ୍ନାଥ ସମନ୍ୱୟର ପ୍ରତୀକ । ସେ ନାରୀ ଆଉ ସେ ବ ପୁରୁଷ । ତେଣୁ ତାଙ୍କର ନିଶ ନାହିଁ । ସୁଦର୍ଶନର ଯୁକ୍ତି କିନ୍ତୁ ଅଲଗା - ମଣିଷ ଜାଣିଶୁଣି ଜଗନ୍ନାଥଙ୍କର ନିଶ ରଖିନାହିଁ । ନିଶଥିଲେ ଜଗନ୍ନାଥ ଉଗ୍ର ହୁଅନ୍ତେ । ଆଉ ପାପୀମାନେ ସାଙ୍ଗେ ସାଙ୍ଗେ ଦଣ୍ଡ ପାଆନ୍ତେ । ମୁଁ କହିଲି - ମଣିଷ କ'ଣ କରବ ? ଜଗନ୍ନାଥ ପରି ଗୁହିଁଲେ ନିଶ ଗୁଜୁର ଉଠିବ ଯେମିତ ମୁଣ୍ଡର ବାଳ ଉଠିଥିଲି ।

ମୋ କଥାକୁ ହସରେ ଉଡ଼େଇ ଦେଇ ସୁଦର୍ଶନ୍ କହିଲା, ଭାଇଲି ତୁମେ ବଡ଼ ନିର୍ମାୟା ଲୋକ । ନିଗେଳା କାହାଣୀରେ ବିଶ୍ୱାସ କରୁଛ । ଆର ନବକଳେବରକୁ ଦେଖିବ ଥାଅ । ବ୍ରହ୍ମବୋଲି ଯେଉଁ ଜିନିଷଟା ବାହାରବ ସେଇଟା କିଛ ନୁହଁ । ବ୍ରହ୍ମ ବୋଲି କିଛ ନାହିଁ । ଆଉ ବ୍ରହ୍ମ ହିଁ ସତ୍ୟ । ତଥାପି ମୋ ମନ ମାନୁନଥାଏ । ଭାବୁଥାଏ ବିଶ୍ୱକର୍ମା ହାତଗୋଡ଼ ସିନା ଗଢ଼ିବାକୁ ସମୟ ପାଇଲେନ । ସରୁ ନିଶଟିଏ ଟାଣି ଦେଇଥିଲେ କଥା ଛିଡ଼ିଥାନ୍ତା । ନା' ସେ ନିଷ୍ଟୟ ଟାଣିଥିବେ । କଳାମୁହଁରେ ସେଇଟା ଦେଖାଯାଉନଥିବ । ଏବେକାର ରଙ୍ଗ ମହାରଣାଙ୍କୁ ପଗ୍ଗରଲେ ଜଣା ପଡ଼ିବ ।

ମୋ ମନକୁ ପଢ଼ିନେବାପର ସୁଦର୍ଶନ କହିଲି - ତମେ ପରି ଭାଇନା କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଲୋକ । ସେଠି ମୂର୍ତ୍ତିରେ ନିଷ୍ଟୟ ଦେଖିଥିବ ଜଗନ୍ନାଥଙ୍କର ନିଶ । ବୟସ ବଢ଼ିଗଲି ଲୋକର ମୋଟିଝିଅକୁ ଆଶ୍ରା ପର ମୋତେ ବ ସାହାରା ମିଳିଗଲି । ମାଡ଼ିବସି କହି ପକାଇଲି - ଦେଖିଲୁ, ମୁଁ ପରି ସେଇୟା ଭାବୁଥିଲି । କେଉଁଠି ଗୋଟାଏ ଜଗନ୍ନାଥଙ୍କର ନିଶ ଦେଖିଛ । ଠିକ୍ ବେଳରେ ମନେ ପଡୁନଥିଲି ।

ଏତକ କଥା ଶେଷ ବେଳକୁ ଆମେ ଘର ପାଖାପାଖି ପହଞ୍ଚିଗଲୁଣି । ଶେଷ କଥା ପଦକ କହିଦେଇ ସେ ବାଟ କାଟିଲି - ଭଲକର ଦେଖିବ ଭାଇନା, ଜଗନ୍ନାଥଙ୍କର ସେହିଟା ହଳଦିଆ ନିଶ । ହଠାତ୍ ମୋତେ ସବୁ ହଳଦିଆ ଦିଶିଲି । ସେତେବେଳକୁ ସୂର୍ଯ୍ୟ ରଙ୍ଗ ବଦଳେଇ ସାରଲେଣି ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ
କେନ୍ଦ୍ରାପଡ଼ା - ୭୫୪୨୧୨
ଦୂରଭାଷ : ୯୯୩୭୩୭୪୩୪୨
ଇମେଲ୍ : dr.srmishra@gmail.com

# ଅନୁରାଧା



ସୁଦାମ ଚରଣ ଦାସ

ଭାଷା ମତେ ଜଣାନାହିଁ, ଲେଖିଯାଏ କବିତା
ପ୍ରେମ କ'ଣ ବୁଝେନା ମୁଁ ଭଲପାଏ ପ୍ରେମିକା ।
କାହିଁକି କେଜାଣି ତାର ରୂପ ଭାବନାରେ
ଶିହରଣ ଖେଳିଯାଏ ମନପ୍ରାଣ ଶରୀରରେ ।
ସନ୍ଧ୍ୟାଦୀପ ଧରି ଯେବେ ଉଭା ହୁଏ ଅଳସେ
ଅନଳେ କାଞ୍ଚନସମ ରୂପ ତାର ଝଲସେ ।
ନ ଜାଣେ ଆରତୀ ସାଜ କି ମନାସେ ଦେବେ
ମାନସରେ ସେ ରୂପର ମୁଁ ଆରତୀ ସାଜେ ।
ଝୁମୁରୁ ଝୁମୁରୁ ପାଦ ନୂପୁର ସଂଗୀତ
ସିଦ୍ଧ ଋଷିବର ହେଲେ ହେଁ ହେବ ମୋହିତ ।
ଉଭା ଦୁଆରେ ହେଲେ ଗୋ ମୁକୁଳାଇ କେଶ
ଶତ ଶତ ପୁଷ୍ପଧନୁ ତୀର ବିନ୍ଧେ ହୃଦ ।
କଟାକ୍ଷ ସନ୍ଧାନେ ଅବା ତା ପ୍ରିୟତମକୁ
ବିରହୀ କପୋତୀ ପରି ଝୁରିବସେ କାହାକୁ ।
ଅଗଣାରେ ନତ ବସେ ଦୃଷ୍ଟି ଦିଗବଳୟେ
ସେ ନୀଳନୟନ ବେନି ଲୋତକରେ ଭରେ ।
ଅପସରି ଗଲା କୁଜ୍ଝଟିକା ସମ ଭ୍ରମ,
ଅନୁରାଧା କାହାର ସେ ମୁଁ ନୁହେଁ ତା ଶ୍ୟାମ ।

# ବିକା ନ ହେଉ



ଭଗିରଥୀ ବେହେରା

ବିକା ହେଉଛି ପାଣି ଜୋରସୋରରେ
କିନ୍ତୁ କେବେ ପବନ ବିକା ନ ହେଉ
ମାଟିର ତ କେବେଠୁ ଭାଗ ବଣ୍ଟା ସରିଛି
ହେ ଭଗବାନ ଆକାଶ ବିକା ନ ହେଉ ।
ଜହ୍ନରେ ବିକା ହେଲାଣି ଜମି
କିନ୍ତୁ ସୂର୍ଯ୍ୟର ତାପ ବିକା ନ ହେଉ
ସବୁଠି ବିକା ଯାଉଛି ସ୍ୱାର୍ଥ
ଧର୍ମର କିଣାବିକା ନ ହେଉ ।
ଯୌତୁକ ଦେଇ କିଣା ହେଉଛି ବର
ତା ହାତରେ ବଧୂକୁ ବିକା ନ ହେଉ
ପ୍ରତ୍ୟେକ କାମରେ ଲାଞ୍ଚ ନିଅନ୍ତି ନେତା
ତାଙ୍କ ହାତରେ ଦେଶ ବିକା ନ ହେଉ ।
ଦେହର ଅଙ୍ଗ ବିକା ହେଉଛି ମଣିଷର
ହୃଦୟରୁ ମାନବିକତା ବିକା ନ ହେଉ
ମଲାପରେ ବି ଭଗିରଥୀ ଡରୁଛି ଶବ
କାଳେ ତା କଫନ ବିକା ନ ହେଉ ।

ସମ୍ପାଦକ, ଗଞ୍ଜାମର କବିତାଘର

# ଦୁଃସ୍ୱପ୍ନ - ୨



ଅନୁପମ ବେହେରା

ଥାଏ ଏକ ସୁନ୍ଦର ଉପତ୍ୟକା,
ନାନାଦ ରଂଗର ପୁଷ୍ପରେ ଭରପୂର ।
ଇନ୍ଦ୍ରଧନୁ ବଙ୍କିହୋଇ ପଡ଼ିଥାଏ ଆକାଶ ବକ୍ଷରେ,
ସୁଲୁସୁଲିଆ ବାଆ କରୁଥାଏ ମନକୁ ଅସ୍ଥିର ॥

ମତ୍ସ୍ୟକନ୍ୟାଗଣ କରୁଥାନ୍ତି ସ୍ନାନ,
ସ୍ୱଚ୍ଛ ନୀଳ ଜଳରାଶିରେ ଭରା ପୁଷ୍କରଣୀରେ ।
ପଶୁମାନେ ନଜ ହଂସ୍ର ଆଚରଣ ଭୁଲି,
ଏକତ୍ର ବଚରଣ କରୁଥାନ୍ତି ମହାଆନନ୍ଦରେ ॥

ସାରା ପରବେଶ ଲାଗୁଥାଏ ସଂଗୀତମୟ,
ବହଙ୍ଗମମାନଙ୍କର କଚରମିଚର ଶବ୍ଦରେ ।
ମୁଁ ଏକ ପକ୍ଷୀରାଜ ଘୋଡାରେ ବସି,
ଉଡୁଥାଏ ଶୁଭ୍ର ମେଘମାଳା ମଧ୍ୟରେ ॥

ଖୋଜବୁଲୁଥାଏ ମୋ ସ୍ୱପ୍ନର ନାୟିକାକୁ,
ଅନାମଧେୟ ଏଇ ପରୀ ରାଇଜରେ ।
ପ୍ରଜାପତ ପଛରେ ଧାଉଁଥିବା ଅନନ୍ୟ ସୁନ୍ଦରୀ କନ୍ୟାଟିଏ,
ଦୃଶ୍ୟମାନ ହୁଏ ମୋ ଦୃଷ୍ଟି ପରସରରେ ॥

ତା ପାଖକୁ ଯିବାକୁ ଉଦ୍ୟତ ହୁଅନ୍ତେ,
ବୁକୁମୋର ଥରଯାଏ ଏକ ବକଟାଳ ଶବ୍ଦରେ ।
ନମିଷକେ ପରୀ ରାଇଜଟି ଧ୍ୱଂସପାଇ,
ବଲୀନ ହୋଇଯାଏ ଧରା ବକ୍ଷରେ ॥

ପକ୍ଷୀରାଜ ପିଠିରୁ ଖସିପଡ଼େ ମୁଁ,
ଆଖିଦ୍ୱୟ ମୋ ମୁଦହୋଇଯାଏ ଭୟରେ ।
ଆଖି ଖୋଲିଲାପରେ ନଜକୁ ଆବଷ୍କାର କରେ ଚଟାଣ ଉପରେ,
ଦଉଡ଼ିଆ ଖଟଟି ଭାଙ୍ଗି ମୁଁହମାଡ଼ି ପଡ଼ିଥାଏ ମୋ ବାଁ ପାଖରେ ॥

# ବୃକ୍ଷାଶ୍ରୁ



ରଞ୍ଜନ କୁମାର ସ୍ୱାଇଁ

ପବନର ତାଳେ ତାଳେ ଯାର ମଧୁର ମୂର୍ଚ୍ଛନା,
ମନମୁଗ୍ଧ କରି ହରେ କେତେଯେ ଯନ୍ତ୍ରଣା ।
ସେ ବୃକ୍ଷ କାନ୍ଦୁଛି ।

ଯାହାର ସେବାରୁ ମିଳେ ଫୁଲ ଫଳ ଛାଇ,
ବିଷପାନ କରିଯାଏ ପ୍ରାଣ ବାୟୁ ଦେଇ ।
ସେ ବୃକ୍ଷ କାନ୍ଦୁଛି ।

ମୃତ ଅଙ୍ଗ ଦାନ କରେ ମାନବ ସେବାରେ,
ଯା ଔଷଧି ଲାଗିଯାଏ ଅସାଧ୍ୟ ରୋଗରେ ।
ସେ ବୃକ୍ଷ କାନ୍ଦୁଛି ।

କବିର କଳ୍ପନା କେବେ ପ୍ରକୃତିର ଶୋଭା,
ଶିଳ୍ପିର ଆକୃତି ଯାର ଭରି ମନ ଲୋଭା ।
ସେ ବୃକ୍ଷ କାନ୍ଦୁଛି ।

ଯାକୁ ନେଇ ଗଢିଉଠେ ନିବିଡ ଅରଣ୍ୟ,
ପଶୁପକ୍ଷି ନିର୍ଭୟରେ ନିଅନ୍ତି ଆଶ୍ରୟ ।
ସେ ବୃକ୍ଷ କାନ୍ଦୁଛି ।

ଯାହାର ଅଭାବେ ଘଟେ ମୃତକାର କ୍ଷୟ,
ମିଠାପାଣି କମିଯାଏ,ବରଷାର ଭୟ ।
ସେ ବୃକ୍ଷ କାନ୍ଦୁଛି ।

ଯା ସବୁଜମା ସ୍ଥାନେ ଆଜ କଙ୍କ୍ରିଟ ସ୍ଥାପତ୍ୟ,
ରଙ୍ଗିନ ଆଲୁଏ ହଜେ ଚନ୍ଦ୍ରମା ମହତ୍ୱ ।
ସେ ବୃକ୍ଷ କାନ୍ଦୁଛି ।

ବୃକ୍ଷକାଟି ନିରମାଣ କଳକାରଖାନା,
ଜଳବାୟୁ ପ୍ରଦୁଷଣ ନାନା ଆବର୍ଜନା ।
ସେ ବୃକ୍ଷ କାନ୍ଦୁଛି ।

ଯାହାର ଅଭାବେ ବଢେ ବିଶ୍ୱଭର ତାତ,
ଗରମରେ ଛଟପଟ ଫାଟିଯାଏ ଗ୍ଭତ ।
ସେ ବୃକ୍ଷ କାନ୍ଦୁଛି ।

ପ୍ରଗତର ନାମେ ଆଜ କୁଠାର ଆଘାତ,
ଯା ଗ୍ଭତ ଚରଦଏ କର ମର୍ମାହତ ।
ସେ ବୃକ୍ଷ କାନ୍ଦୁଛି ।

ଧ୍ୟାନ ଦେଇ ଶୁଣ ଥରେ ବୃକ୍ଷର କ୍ରନ୍ଦନ,
ଫୁଟାଓ ହସ ମୁଖେ କର ବୃକ୍ଷର ରୋପଣ ।
ସେ ବୃକ୍ଷ କାନ୍ଦୁଛି ।

ଆଜମାବାଦ, ବାଲେଶ୍ୱର, ଓଡ଼ିଆ
ଦୂରଭାଷ - ୯୦୫୧୬୮୦୯୦

# ଆମ ଭାଷା ଆମ ଅଧିକାର



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ବୋଲି ମାନ୍ୟତା ମିଳିବା ପରେ ମଧ୍ୟ ଓଡ଼ିଆ ସରକାର ଆମ ଭାଷାର ଉନ୍ନତି, ପ୍ରଗ୍ସର ଓ ପ୍ରସାର ହେତୁ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ହାତକୁ ନେଇ ନାହାନ୍ତି । ବର୍ତ୍ତମାନ ମଧ୍ୟ ଆମ ରାଜ୍ୟର ଅଧିକାଂଶ ଅନୁଷ୍ଠାନ, କାର୍ଯ୍ୟାଳୟରେ ଇଂରେଜୀ ଭାଷାର ବହୁଳ ବ୍ୟବହାର ହେଉଛି । ଆମେ ଇଂରେଜୀ ଭାଷାର ବିରୋଧୀ ନୋହୁଁ, କିନ୍ତୁ ଆମେ ଚାହୁଁ ଆମ ମାତୃଭାଷାକୁ ସମୁଚିତ ସମ୍ମାନ ।

ସମଗ୍ର ଓଡ଼ିଶାରେ କେବଳ ଓଡ଼ିଆ ଭାଷାରେ ହିଁ ବିଜ୍ଞାପନ ଫଳକ, ଅନୁଷ୍ଠାନ ମାନଙ୍କର ନାମଫଳକ ଆଦି ଲେଖାଯାଉ । ସମସ୍ତ ସରକାରୀ କାମ ଓଡ଼ିଆ ଭାଷାରେ କରିବା ପ୍ରଚେଷ୍ଟା କରାଯାଉ । ବ୍ୟାଙ୍କରେ ଟଙ୍କା ଜମା କରୁଥିବା ବେଳେ ହେଉ ଅବା, ସରକାରୀ କାର୍ଯ୍ୟାଳୟରେ କୌଣସି କାମ କରୁଥିବା ବେଳେ ହେଉ ସବୁଠି ଓଡ଼ିଆ ଭାଷାର ବ୍ୟବହାରକୁ ପ୍ରୋତ୍ସାହନ ମିଳୁ । ସମସ୍ତେ ଓଡ଼ିଆ ଭାଷାକୁ କହିବା ଓ ଲେଖିବା ବେଳେ ଗର୍ବିତ ଅନୁଭବ କରନ୍ତୁ । ଏହା ଦ୍ୱାରା ହିଁ ଆମ ଭାଷାର ଗୌରବ ବୃଦ୍ଧି ପାଇବ । ଯଦି ଆପଣ ଆମ ସହ ସହମତ, ତେବେ ଆମ ସହ ଯୋଗ ଦିଅନ୍ତୁ ଏବଂ ଆମ ଭାଷା ଆମ ଅଧିକାର ଦାବୀ କରନ୍ତୁ ।

ଦୀର୍ଘ ଦଶବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆହ୍ୱାନ ଇ-ପତ୍ରିକା


ପ୍ରକାଶିତ ହୋଇ ଆସୁଛି । କେବଳ ଓଡ଼ିଆ ଭାଷାରେ ପ୍ରକାଶିତ ଏହା ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା । ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ବ୍ୟଙ୍ଗ, ହାସ୍ୟରସ, ଶିଶୁସାହିତ୍ୟ, ଘରୋଇ କଥା, ସ୍ୱାସ୍ଥ୍ୟ ଓ ଉପଚାର, ଜୀବନଚର୍ଯ୍ୟା ଆଦି ବିଭିନ୍ନ ବିଷୟରେ ଅଗଣିତ ଆଲେଖ୍ୟ ଆମର ଏହି ପତ୍ରିକାରେ ପ୍ରକାଶିତ ହୋଇ ଆସୁଛି । ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି କଳ୍ପେ ଆହ୍ୱାନ ଇ-ପତ୍ରିକା ସ୍ୱତନ୍ତ୍ର ସ୍ଥାନ ପାଇଛି । ଇଣ୍ଟରନେଟ୍ ମାଧ୍ୟମରେ ବିଶ୍ୱର କୋଣଅନୁକୋଣରେ ରହୁଥିବା ଅଗଣିତ ଓଡ଼ିଆ ଭାଷାଭାଷୀଙ୍କୁ ଓଡ଼ିଆ ପତ୍ରିକା ପଢ଼ିବାର ସୁଯୋଗ ଦେଉଛି ।

ବିଗତ ଅନେକ ଦଶନ୍ଧି ଧରି ଦାବୀ ହୋଇ ଆସୁଥିବା ଶାସ୍ତ୍ରୀୟ ମାନ୍ୟତା ଓଡ଼ିଆ ଭାଷାକୁ ମିଳିଲା ପରେ ଆମେ ଭାବିଥିଲୁ ଓଡ଼ିଶା ଭିତରେ ଅନ୍ତତଃ ଓଡ଼ିଆ ଭାଷାର ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ, ହେଲେ ସେମିତି କିଛି ହେବାପରି ଦେଖା ଯାଉନାହିଁ । ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଭାଷାକୁ ସମ୍ମାନ ଦେବାପାଇଁ ସାଧୁ ଉଦ୍ୟମ ସତ୍ତ୍ୱେ ସରକାରୀ ସ୍ତରରେ କୌଣସି ଉତ୍ସାହ ଦେଖା ଦେଇନାହିଁ । ଓଡ଼ିଶାର ଅନେକ ବରେଣ୍ୟ ସ୍ରଷ୍ଟା ଓ ସାହିତ୍ୟିକ ଏହି ଦାବୀ ନେଇ ଅନେକ ଦିନଧରି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛନ୍ତି, ତଥାପି କିଛି ସୁଫଳ ମିଳିନାହିଁ । ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ସାହିତ୍ୟ ସଂଗଠନମାନେ ମଧ୍ୟ ଏହାକୁ ସମର୍ଥନ କରି ଧାରଣା ଓ ଆନ୍ଦୋଳନ ମାନ ଚଳାଇଛନ୍ତି । ଆମେ କିନ୍ତୁ ଏଥିରେ ସାମିଲ ହୋଇ ପାରିନାହୁଁ । ଏହାର ଅନେକ କାରଣ ରହିପାରେ ଏବଂ ସେଇଥି ପାଇଁ ଅନଲାଇନରେ ରହୁଥିବା ଓଡ଼ିଆମାନେ କିପରି ଏହି ଆନ୍ଦୋଳନକୁ ସମର୍ଥନ କରିବେ ତାହା ସୁନିଶ୍ଚିତ କରିବାପାଇଁ ଆମର ଏହି ଛୋଟ ପ୍ରଚେଷ୍ଟା ।

ଆମ ସହ ସାମିଲ ହୁଅନ୍ତୁ, ଆମ ମାତୃଭାଷାର ସମ୍ମାନ ହେତୁ ସାହାଯ୍ୟ କରନ୍ତୁ । ଆପଣଙ୍କ ସୁଚିନ୍ତିତ ମତାମତ ଦିଅନ୍ତୁ । ଆମର ଏହି ୱେବ୍ ପଟଳର ସମର୍ଥନ ପୃଷ୍ଠାରେ ଯାଇ ନିଜ ମତାମତ ଦିଅନ୍ତୁ । ଆପଣଙ୍କ ବାର୍ତ୍ତା ଆମେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରିବାର ପ୍ରତିଶୃତି ଦେଉଛୁ ।

ଆମ ସହ ଯୋଗ ଦିଅନ୍ତୁ ।

ଆମର ସମର୍ଥନ (www.aahwaan.com/muodia) ପୃଷ୍ଠାରେ ଦିଆଯାଇଥିବା କ୍ଷୁଦ୍ର ଫର୍ମକୁ ପୂରଣ କରନ୍ତୁ ଏବଂ ଉପସ୍ଥାପନ କରନ୍ତୁ ।




ଯଦି ଆପଣ ନିଜ ମତାମତ ସହ ନିଜର ଛବି ପ୍ରକାଶିତ କରିବାକୁ ଚାହୁଁଥାନ୍ତି ତେବେ ଆପଣ ନିଜ ଛବି ଆମ ପାଖକୁ ଇମେଲ୍ ଦ୍ୱାରା ପଠାଇ ପାରିବେ, କିମ୍ବା ଆପଣ ନିଜେ ପ୍ରକାଶିତ କରିଥିବା ନିଜ ମନ୍ତବ୍ୟକୁ ପୁନଃ ସମ୍ପାଦନ କରିବା ହେତୁ ୱେବ୍ ପଟଳର ନିମ୍ନରେ ଦିଆଯାଇଥିବା ବୋତାମ (ନିଜର ଲେଖାକୁ ବଦଳାନ୍ତୁ) କୁ ଚିପି ସେଠାରେ ନିଜ ଛବିକୁ ଅପଲୋଡ଼ କରି ପାରିବେ, କିମ୍ବା ଯଦି ଆପଣଙ୍କ ଫେସବୁକରେ ପ୍ରୋଫାଇଲ୍ ଥାଏ, ତେବେ ଫେସବୁକର ପ୍ରୋଫାଇଲ୍ ଛବିର ଲିଙ୍କ୍ ଦେଲେ ଆମେ ଆପଣଙ୍କ ଛବିକୁ ଆପଣଙ୍କ ନାଁ ଏବଂ ମନ୍ତବ୍ୟ ପାର୍ଶ୍ୱରେ ପ୍ରକାଶିତ କରିବୁ ।

ଯଦି ଆପଣ ନିଜ ମନ୍ତବ୍ୟ ଓଡ଼ିଆରେ ଦେବାକୁ ଚାହୁଁଥାନ୍ତି ତେବେ ଦେଇ ପାରିବେ । ଏଥିପାଇଁ ଆପଣ ନିଜ ମତାମତ ୱାର୍ଡ଼ପ୍ୟାଡ୍‌ରେ ଓଡ଼ିଆରେ ଟାଇପ୍ କରିବେ ଏବଂ ସେଇ

ଲେଖାକୁ କପି କରି ଆମର ସମର୍ଥନ ପୃଷ୍ଠାରେ ଦିଆଯାଇଥିବା ସ୍ଥାନରେ ଛାପି ଦେଇ ପାରିବେ । କିମ୍ବା ଆପଣଙ୍କ ମୋବାଇଲ୍ କିମ୍ବା କମ୍ପ୍ୟୁଟରରେ ଯଦି ଓଡ଼ିଆ ୟୁନିକୋଡ୍ କି'ବୋର୍ଡ୍ ସଫ୍‌ଟୱେର୍ ଥାଏ, ତେବେ ସିଧା ଆପଣ ଓଡ଼ିଆରେ ମଧ୍ୟ ଟାଇପ୍ କରିପାରିବେ ।

ଆମ ଭାଷାର ସମ୍ମାନ ପାଇଁ ଅନେକ ଦିନରୁ ଅନେକ ଆନ୍ଦୋଳନ ହୋଇ ଆସିଛି ଏବଂ ବର୍ତ୍ତମାନ ମଧ୍ୟ ଏହି ଆନ୍ଦୋଳନ ଜାରୀ ରହିଛି । ବିଗତ ଦିନରେ ଏମିତି ଏକ ଆନ୍ଦୋଳନ ଦ୍ୱାରା ଓଡ଼ିଶା ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷା ବୋଲି ଘୋଷଣା କରିବା ଏବଂ ବିଭିନ୍ନ ନୀତିନିୟମ ଲାଗୁ କରିବାପାଇଁ ପ୍ରତିଶୃତି ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମିତି କିଛି କରିନାହାନ୍ତି । ଏହି ବିଳମ୍ବ ଦ୍ୱାରା ଭାଷା ଆନ୍ଦୋଳନ ଦୁର୍ବଳ ହୋଇପଡ଼ିବ, ଆଉ ପୁଣି କେହି ଆମ ଭାଷାକୁ ସମ୍ମାନ ଦେବାକୁ ଚେଷ୍ଟା କରିବ ନାହିଁ, ବୋଲି ମନେ କରି ଅନେକ ପ୍ରଖ୍ୟାତ ବ୍ୟକ୍ତିତ୍ୱ ଭାଷା ଆନ୍ଦୋଳନକୁ ସମର୍ଥନ ଜଣାଇ ରାଜରାସ୍ତାରେ ଓହ୍ଲାଇଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲାର ଅନେକ ସଂଗଠନ ମଧ୍ୟ ଏହି ଆନ୍ଦୋଳନକୁ ନିଃସର୍ତ୍ତ ସମର୍ଥନ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇ ନିଜ ନିଜ ଜିଲ୍ଲାରେ ଆନ୍ଦୋଳନ ଚଳାଇଛନ୍ତି । ଆମେ ମଧ୍ୟ ସେମାନଙ୍କ ପରି ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଚାହୁଁ, କିନ୍ତୁ ବ୍ୟସ୍ତବହୁଳ ଜୀବନଚର୍ଯ୍ୟା ଏବଂ ଚାକିରୀ ବେଉସା ଆଦିରେ ବ୍ୟସ୍ତ ହୋଇ ଆମେ ଆନ୍ଦୋଳନ କରିବା କିମ୍ବା ପ୍ରତ୍ୟକ୍ଷ ଭାବେ ଆନ୍ଦୋଳନରେ ଭାଗ ନେବାକୁ ଅସମର୍ଥ ହୋଇ ପଡୁଛୁ । ତେଣୁ ଆମେ ଇଣ୍ଟରନେଟର ମାଧ୍ୟମରେ ଏହି ଜନ ଆନ୍ଦୋଳନକୁ ଅନ୍ୟ ଏକ ଦିଗ ପ୍ରଦାନ କରିବାକୁ ଚାହୁଁଛୁ । ଦୟାକରି ଆମ ସହ ଯୋଗ ଦିଅନ୍ତୁ ।

ଯୋଗାଯୋଗ ଠିକଣା ?

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ସମ୍ପାଦକ, ଆହ୍ୱାନ ଇ-ପତ୍ରିକା
ବୀମା ନଗର, ଦ୍ୱିତୀୟ ଗଳି
ବ୍ରହ୍ମପୁର, ୭୬୦୦୦୧, ଓଡ଼ିଶା
ଦୂରଭାଷ : ୯୦୪୦୯୮୫୪୭୩
ହ୍ୱାଟସ୍‌ଆପ୍ : ୯୦୪୦୯୮୫୪୭୩
ଇମେଲ୍ : aahwaan@gmail.com

# ହେପି ମଦର୍ ଡେ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୋଉ ଲୋ ଟିକେ ଇଆଡ଼କୁ ଦେଖ
ଫୋଟୋଟେ ତୋହର ନେବ
ଆଜ ପର୍ ହେପି ମଦର୍ସ ଡେ
ଫେସବୁକ୍‌ରେ ମୁଁ ଦେବ ।
ଦେଖୁନୁ କେମିତ ସବୁ ଦେଉଛନ୍ତ
ବୋଉ ସାଙ୍ଗେ ନେଇ ଫୋଟୋ,
ମୁଁ ନ ଦେଲେ ଭାବବେ ସବୁ
ବୋଉ ସାଙ୍ଗେ ହୋଇଛ ମୋର ଫାଟ ।
ଭଲ ଶାଢ଼ୀ ଖଣ୍ଡେ ପିନ୍ଧି ପକା ଜଲ୍‌ଦ
ବସି ଯାଆ ସଜ ହେଇ
ସଅଳ ସଅଳ ଫୋଟୋ ଉଠେଇମୁଁ
ଫେସବୁକରେ ଦେବ ପକେଇ ।

ବରଷଯାକ ତ ପଗ୍ଗୁରୁନୁ କଆଁ
କରୁ ସରାଗ ଏତେ ଆଜ ?
ତୋ ଖୁସି ପାଇଁ ସବୁ କରୁଛ
କର କର ଆଖି ଦେବ ବୁଜ ।
ତୋ ସହରୀ ଢଙ୍ଗ ଦେଖିରେ ମୋ ଧନ
ମୋ ଆଖିରେ ଚଷମା ଲାଗିଲାଣି,

ଜଳଦ ସେ ଫୋଟୋ ଉଠେଇଦେ
ତେଣେ ଗୁହାଳରେ ଗାଇ ଡାକିଲାଣି ।
ତୋ ସାଙ୍ଗସାଥୀ ମୋତେ ନ ଦେଖିଲେ
ତୋତେ, କରୁଥିବେ ହିନିମାନ ଯିଦ
ଫୋଟୋ ଖଣ୍ଡିକରେ ସିନହ ସରିଗ
ଦେଉଛନ୍ତି କି ସେ ତୋତେ ଲିଦ ।

ଏତେ କଥା ଆଉ କହନା ଲୋ ବୋଉ
ଜଳଦ ଏଠାରେ ଆସି ବସ,
ତୋ ଫୋଟୋକୁ ନେଇ ଫେସବୁକରେ
କରିବାର ଅଛି ଜ୍ଞାନ ଗୃଷ ।
ଗୃହିଁଛନ୍ତି ସାଙ୍ଗ, ବନ୍ଧୁ ସହୋଦର
ଦେଖିବେ ବୋଲି ମୋ ବୋଉ ଛବି,
ନ ଦେଖିଲେ ଫୋଟୋ କେତେ ହାଟନାଟ
କେତେ ଅପମାନିତ ମୁଁ ହେବ ।
ହଉ ଗ୍ଲଡ଼ କଥା ଯିଦ ତୋର ଇଚ୍ଛା
ଫୋଟୋ ଗୋଟେ ଦେଇ ଦେ
ମୁଁ ଯାଉଛି ମୋ ଗୁହାଳକୁ ତୁ
ପାଳୁଥା ମଦର ଡେ ।

ବୀମା ନଗର, ଦ୍ୱିତୀୟ ଗଳି
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଆହ୍ୱାନର ଆଗାମୀ ସଂସ୍କରଣ ଜୁନ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୦୧, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟିକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତି ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ**

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।